୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.139 Bhubaneswar Saturday July 06 2024 | ୨୬ତମ ବର୍ଷ ସଂଖ୍ୟା–୧୩୯ ଭୁବନେଶ୍ୱର, ଶନିବାର, ଜୁଲାଇ ୦୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ୨୨ରୁ ବିଧାନସଭା ଅଧିବେଶନ: ୨୫ରେ ବଜେଟ୍



ଭୁବନେଶ୍ୱର,୫ ।୭(ପି.ଏନ): ଆସନ୍ତା ୨୨ତାରିଖରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ । ଦୁଇଟି ପର୍ଯ୍ୟାୟରେ ଏହି ଅଧିବେଶନ ସେପ୍ଟେମ୍ବର ୧୩ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟଦିବସ ଥିବାବେଳେ ଜୁଲାଇ ୨୫ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ ବୋଲି ଜଣାପଡିଛି । ମୋହନ ମାଝୀ ସରକାରଙ୍କର ଏହା ପ୍ରଥମ ବିଧାନସଭା ଅଧିବେଶନ ।ଆଜି ବିଧାନସଭା ସଚିବାଳୟ ପକ୍ଷରୁ ଜାରି କାର୍ଯ୍ୟସୂଚୀ ଅନୁସାରେ, ୨୨ତାରିଖରେ ଅଧିବେଶନ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ । ଏହାପରେ ୨୩ତାରିଖରେ ଉପବାଚସ୍ପତି ନିର୍ବାଚନ ଘୋଷଣା ଓ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବକୁ ନେଇ ୨ଦିନ ଧରି ଆଲୋଚନା ହେବ । ୨୪ତାରିଖରେ ଉପବାଚସ୍ପତି ନିର୍ବାଚନ ଶେଷ ହେବ । ୨୫ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଅର୍ଥମନ୍ତ୍ରୀ ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପିତ କରିବାର କାର୍ଯ୍ୟକ୍ରମ ରହିଛି ।

## ବିଜୟପାଳ ଓଡିଶା ପ୍ରଭାରୀ, ଅପରାଜିତା ଓ ସମ୍ବିତଙ୍କୁ ବିଜେପି ଦେଲା ଏହି ଦାୟିତ୍ୱ





ବିଭିନ୍ନ ରାଜ୍ୟ ପାଇଁ ଆଜି ପ୍ରଭାରୀ ଓ ସହପ୍ରଭାରୀ ନିଯୁକ୍ତ କରିଛି ବିଜେପି। ବିଜୟପାଳ ସିଂ ତୋମାରଙ୍କୁ ଦଳ ଓଡିଶାର ପ୍ରଭାରୀ ଦାୟିତ୍ୱ ଦେଇଛି। ସେହିପରି ଲତା ଉସେଣ୍ଡିଙ୍କୁ ଓଡିଶାର ସହପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ବିଜୟପାଲ ସିଂ ତୋମାର ପୂର୍ବରୁ ଓଡିଶାର ନିର୍ବାଚନ ପ୍ରଭାରୀ ଥିଲେ। ଡି. ପୂରନ୍ଦେଶ୍ୱରୀ ରାଜ୍ୟ ବିଜେପି ପ୍ରଭାରୀ ଥିଲେ। ପୂରନ୍ଦେଶ୍ୱରୀଙ୍କ ବଦଳରେ ଦଳ ବିଜୟପାଲ ସିଂ ତୋମାରଙ୍କୁ ଦଳ ପ୍ରଭାରୀ ନିଯୁକ୍ତ କରିଛି। ସେହିପରି ପୂର୍ବରୁ ରାଜ୍ୟର ନିର୍ବାଚନ ସହପ୍ରଭାରୀ ଥିବା ଲତା ଉସେଣ୍ଡିଙ୍କୁ ଦଳ ସହପ୍ରଭାରୀ ଦାୟିତ୍ୱ ଦେଇଛି।

## ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କ ବିୟୋଗରେ ସିପିଆଇର ଶୋକ



ଭୁବନେଶ୍ୱର,୫ ।୭(ପି.ଏନ): ଓଡ଼ିଶାର ବରିଷ୍ଠ ରାଜନେତା, ପୂର୍ବତନ ମନ୍ତ୍ରୀ, ରାଜ୍ୟ ଯୋଜନା ବୋର୍ଡ଼ର ପୂର୍ବତନ ଅଧକ୍ଷ ସୁରେନ୍ଦ୍ରନାଥ ନାୟକଙ୍କ ବିୟୋଗ ଦୁଃସମ୍ବାଦ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳାଇ ଦେଇଛି । ଆଜି ସକାଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶବାଧାରରେ ପୁଷ୍ପମାଲ୍ୟ ଦେଇ ଶେଷ ଦର୍ଶନକରି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ଏବଂ ତାଙ୍କର ଶୋକସନ୍ତପ୍ତ ପରିବାର, ସାଥୀ, ସହୋଦରମାନଙ୍କୁ ସମବେଦନା ଜଣାଇଥିଲେ ।

## ସବୁ ରାଜନୀତିକ ନିଯୁକ୍ତିକୁ ରଦ୍ଦ କଲେ ସରକାର, ସମସ୍ତ ଉନ୍ନୟନ ପ୍ରାଧିକରଣର ଅଧକ୍ଷ ହେଲେ ମନ୍ତ୍ରୀ

ଭୁବନେଶ୍ୱର,୫ ।୭(ପି.ଏନ): ରାଜ୍ୟର ପ୍ରଥମ ବିଜେପି ସରକାର କ୍ଷମତାକୁ ଆସିବା ପରେ ନବୀନ ପଟ୍ଟନାୟକଙ୍କ ସରକାର ସମୟର ସମସ୍ତ ରାଜନୀତିକ ନିଯୁକ୍ତିକୁ ରଦ୍ଦ କରିଦେଇଛନ୍ତି। ଏହାସହିତ ଆଜି ରାଜ୍ୟ ସରକାର ଭୁବନେଶ୍ୱର, କଟକ ସମେତ ଅନ୍ୟ ୭ଟି ଉନ୍ନୟନ ପ୍ରାଧିକରଣର ଅଧକ୍ଷଙ୍କୁ ହଟାଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମସ୍ତ ଉନ୍ନୟନ ପ୍ରାଧିକରଣର ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।

## ଜୁଲାଇ ୮ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୫ ।୭(ପି.ଏନ): ଆସନ୍ତା ୭ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ମହାଆଡମ୍ବର ସହକାରେ ପାଳିତ ହେବ । ଚଳିତ ବର୍ଷ ରଥଯାତ୍ରା ଦୁଇଦିନ ଧରି ଚାଲିବାକୁ ଥିବାରୁ ଏଥିପାଇଁ ଦୁଇଦିନ ଛୁଟି ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ତେବେ ରଥଯାତ୍ରା ପାଇଁ ସୋମବାର ଦିନ ଛୁଟି ଘୋଷଣା କରାଯାଇଛି । ଏହି ଦିନ ର୍ଯା ସରକାରଙ୍କ ସମସ୍ତ ବିଭାଗୀୟ କାର୍ଯ୍ୟାଳୟ, ରାଜସ୍ୱ ଓ ମାଜିଷ୍ଟ୍ରେଟଙ୍କ କୋର୍ଟ, ସମସ୍ତ ବ୍ୟାଙ୍କ ବନ୍ଦ ରହିବ । ଛୁଟି ନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେବେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଜୁଲାଇ ୮ ତାରିଖକୁ ସରକାରୀ ଛୁଟି ଦିନ ଭାବେ ଘୋଷଣା କରାଯାଇ ଥିବାରୁ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଗତ ସୋମବାର ଦିନଠାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି । ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହିତ ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଥିଲେ।

## ଓଡିଆରେ ପଢା ହେବ ଡାକ୍ତରୀ ପାଠ, ଅସ୍ମିତା ପାଇଁ ସରକାର ସ୍ୱୀକାର କରିବେ ଆହ୍ୱାନ !

ଭୁବନେଶ୍ୱର,୫ ।୭(ପି.ଏନ): ଓଡିଆ ଭାଷାର ଅସ୍ମିତାର କଥା କହି ବିଜୟୀ ହୋଇଥିବା ରାଜ୍ୟସରକାର ଗୋଟିଏ ପରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚାଲିଛନ୍ତି । ରାଜ୍ୟ ସରକାର ମେଡିକାଲ ଭଳି ଗୁରୁତ୍ୱପୂର୍ଣ୍ଣ ପାଠ୍ୟକ୍ରମ ମଧ୍ୟ ଓଡିଆରେ ପଢାଇବାକୁ ନେଇ ଆଜି ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ୨୨ ଜଣିଆ ଟିମ ଏଥିପାଇଁ ଗଠନ ହୋଇଛି । ମେଡିକାଲ ପାଠ୍ୟକ୍ରମକୁ ସେମାନେ ୧୫ ଦିନ ଭିତରେ ହିଁ ରାଜ୍ୟସରକାରଙ୍କୁ ପ୍ରସ୍ତାବ ଦେବେ । ପରବର୍ତ୍ତୀ ସମୟରେ ଏହାକୁ ନେଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ଜଣା ପଡିଛି ।ମାତ୍ର ଓଡିଆ ଭାଷାରେ ମେଡିକାଲ ପାଠ୍ୟକ୍ରମ କେତେ ଆହ୍ୱାନଭରା ରହିବ ରାଜ୍ୟସରକାରଙ୍କ ପାଇଁ, ତାହା ତ ଭବିଷ୍ୟତ କହିବ । ଏହି ପ୍ରସ୍ତାବ ପରେ ଶିକ୍ଷାବିଦ ଓ ବୁଦ୍ଧିଜୀବୀ ମହଲରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

## ଭଦ୍ରକ ଏସ୍‌ପି କାର୍ଯ୍ୟାଳୟ ଆଗରେ ଯୁବ ଓ ଛାତ୍ର କଂଗ୍ରେସର ଗଣଧାରଣା ଓ ବିକ୍ଷୋଭ



ଭୁବନେଶ୍ୱର,୫ ।୭(ପି.ଏନ); ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ଗତ ୨ ତାରିଖରେ କଂଗ୍ରେସ ସାଂସଦ ରାହୁଲ୍ ଗାନ୍ଧୀଙ୍କ ଉପରେ ଅଶାଳୀନ ମନ୍ତବ୍ୟ ଓ ଅଗଣତାନ୍ତ୍ରିକ କାର୍ଯ୍ୟକଳାପକୁ ବିରୋଧ କରି ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଏକ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରୁ ଏକ ପଟୁଆରାରେ ବାହାରି ଜିଲ୍ଲା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର ସଦସ୍ୟ ଓ ପଦାଧିକାରୀ ଗଣ ଭାରତୀୟ ଜନତା ପାର୍ଟିର ଯୁବ ମୋର୍ଚ୍ଚା ବିରୁଦ୍ଧରେ ବିଭିନ୍ନ ନାରା ବାଜି ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ ।ଏହି ମର୍ମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ସ୍ମାରକ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଜିଲ୍ଲା ଯୁବ କଂଗ୍ରେସ କମିଟିର ସଭାପତି ବଳରାମ ରାଉତଙ୍କ ନେତୃତ୍ୱରେ କମିଟିର କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରିଆ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଇଲ୍ଲିୟାସ ଅଲ୍ଲୀ ଖାନ୍, ଧାମନଗର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ସ୍ୱାଇଁ, ବାସୁଦେପୁର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସିଦ୍ଧାର୍ଥ ଦାସ, ଟାଉନ୍ ଯୁବ କଂଗ୍ରେସ ସଭାପତି ସୁଶାନ୍ତ ମହାକୁଡ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଶକ୍ତି ପ୍ରତାପ ବିଶ୍ୱାଳ, ଉପସଭାପତି ପ୍ରଫୁଲ୍ଲ ପୃଷ୍ଟି, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସାହାଦ ସିଦ୍ଦିକି, ସୁଧାଂଶୁ ନାୟକ ଭଦ୍ରକ ସିଟି କଂଗ୍ରେସ ଯୁବ ସଭାପତି ସୁଶାନ୍ତ ଦାସ, ଭଦ୍ରକ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶେଖ୍ ସାହିଲ୍ କାଦ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଦେବରୂପ ମାହାନ୍ତି, ବଶିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ପିତବାସ ଧଳ, ରଞ୍ଜନ ଜେନା, କଳ୍ପତରୁ ପରିଡା, ରମେଶ ଚନ୍ଦ୍ର ବେହେରା, ବିଦ୍ୟାଧର ଜେନା ନାରାୟଣ ଚନ୍ଦ୍ର ପାଢ଼ୀ, ବିଶ୍ୱଜିତ୍ ସ୍ୱାଇଁ, ଅରବିନ୍ଦ ନାୟକ , ସଞ୍ଜୟ ମିଶ୍ର, କାଉନସିଲ ଫର୍ଯାଦ ଖାନ, ହେମନ୍ତ ସାହୁ, ମହିଳା ନେତ୍ରୀ ସ୍ୱସ୍ତିକା ପଣ୍ଡା, ପୂର୍ବତନ ସରପଞ୍ଚ ଅଶ୍ୱିନୀ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ଟିକୁ ସଫଳ କରାଇବା ନିମନ୍ତେ ଉପସ୍ଥିତ ଥିଲେ ।ଯୁବ ନେତା ପ୍ରକାଶ ଜ୍ୟୋତି ମହାକୁଡ, ହରିହର ମଣ୍ଡଳ, ଶେଖ୍ ଲାଲୁ,ରଞ୍ଜିତ ଦାସ, ଆଶିଷ ନାୟକ, ବିପ୍ଳବ ପାତ୍ର, ସତ୍ୟ ପୁହାଣ, ସୂର୍ଯ୍ୟ ବିଶ୍ୱାଳପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଘୋଷଯାତ୍ରାରେ ଭିଜିବ ସାରା ଓଡିଶା: ଏହିସବୁ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୫ ।୭(ପି.ଏନ): ମହାପ୍ରଭୁଙ୍କ ଘୋଷଯାତ୍ରାରେ ଭିଜିବ ସାରା ଓଡିଶା। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ, ସବୁଠି ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗିରହିବ। ସ୍ଥାନେ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଘୋଷଯାତ୍ରା ଦିନ ଅର୍ଥାତ୍? ୭ ତାରିଖରେ ପୁରୀରେ ପ୍ରବଳ ବର୍ଷା(୭୦ରୁ ୧୧୦ ମିମି) ହୋ ?ଇପାରେ। ମାଲକାନଗିରି, କୋରାପୁଟ, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ(୧୨୦ରୁ ୨୦୦ ମିମି) ଏବଂ ଗଜପତି, ରାୟଗଡା, କଳାହାଣ୍ଡି, ନବରଙ୍ଗପୁର, ଖୋର୍ଦ୍ଧା, ନୟାଗଡ, କଟକ, ପୁରୀ, ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ ବର୍ଷା ହେବ। ୮ ତାରିଖରେ ମଧ ମାଲକାନଗିରି, କୋରାପୁଟ, ରାୟଗଡା, ଗଞ୍ଜାମ, ଗଜପତି, ନବରଙ୍ଗପୁର, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ପଶ୍ଚିମ ଝାଡଖଣ୍ଡ ଉପରେ ଏକ ଘୂର୍ଣ୍ଣିବଳୟ ରହିଥିବାରୁ ସାରା ଓଡିଶାରେ ବର୍ଷା ଲାଗିରହିବ। ଆସନ୍ତା ୫ ଦିନ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। କେତେକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଶୁକ୍ରବାର ପୂର୍ବାହ୍ନ ସୁଦ୍ଧା ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ଅନୁଗୁଳ, ମୟୂରଭଞ୍ଜ, ବରଗଡ, ଦେବଗଡ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ପରବର୍ତ୍ତୀ ୨୪ ଘଣ୍ଟାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ। ବଡ ବର୍ଷା ହେବାର ନାହିଁ। ତେବେ ୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ରାୟଗଡା ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ଜୁନ୍? ୧ରୁ ଆଜି ସୁଦ୍ଧା ଅର୍ଥାତ୍ ମେସୁମୀ ସମୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୨୪୭.୪ ମିମି ବର୍ଷା ହେବା କଥା। ମାତ୍ର ୧୮୫.୨ ମିମି ହୋଇଛି, ଯାହାକି ସ୍ୱାଭାବିକ ଠାରୁ ୨୫% ନିଅଣ୍ଟିଆ। ମାଲକାନଗିରିରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ଅଧିକ ନିଅଣ୍ଟିଆ ସ୍ଥିତି ଲାଗିରହିଛି। ୧୧ଟି ଜିଲ୍ଲାରେ ସ୍ୱାଭାବିକ ଏବଂ ୧୭ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଗତକାଲି ସକାଳ ସାଢ଼େ ୮ଟାରୁ ଆଜି ପୂର୍ବାହ୍ନ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ହେମଗିରିରେ ସର୍ବାଧିକ ୬୩.୪ ମିମି ବର୍ଷା ହୋଇଛି। ଏହା ବ୍ୟତୀତ କେନ୍ଦୁଝର ଜିଲ୍ଲାର ବାଂଶପାଳରେ ୫୮.୨, ସମ୍ବଲପୁର ଜିଲ୍ଲାର ବୁର୍ଲାରେ ୪୬.୮, ଦେବଗଡ ଜିଲ୍ଲାର ରିଆମାଳରେ ୪୪.୮, ସୁନ୍ଦରଗଡ ଜିଲ୍ଲାର ବଣାଇଗଡରେ ୪୨, ଗୁରୁଣ୍ଡିଆରେ ୪୧, ଲେଫରିପଡାରେ ୪୦.୨, ଡାଙ୍କାଉଡାରେ ୪୦, ସମ୍ବଲପୁରରେ ୩୭.୮ ମିମି ବର୍ଷା ହୋଇଛି। ଆଜି ସକାଳୁ ସନ୍ଧ୍ୟା ମଧ୍ୟରେ ଖୋର୍ଦ୍ଧାରେ ୩୩ ମିମି ବର୍ଷା ରେକର୍ଡ କରାଯାଇଛି। ଅଧିକାଂଶ ସ୍ଥାନରେ ହାଲୁକା ବର୍ଷା ହେବା ସହ ମେଘୁଆ ପାଗ ଲାଗିରହିଥିବାରୁ ଦିନର ତାପମାତ୍ରା ୨ରୁ ୪ ଡିଗ୍ରି ପର୍ଯ୍ୟନ୍ତ ହ୍ରାସ ପାଇଛି।

## କାଗଜ କଲମ ଧରି ଥାନାରେ ପହଞ୍ଚିଲେ ବିଧାୟକ




ଭୁବନେଶ୍ୱର,୫ ।୭(ପି.ଏନ): ଏଫ୍‌ଆଇଆର୍ ଲେଖିବା ପାଇଁ ଥାନାରେ କାଗଜ କଲମ୍ କାଗଜ ମିଳୁନି। ଅଭିଯୋଗ କରିବା ପାଇଁ ଆସୁଥିବା ଲୋକଙ୍କୁ ଦୁର୍ବ୍ୟବହାର କରାଯାଉଛି। ତେଣୁ ଲୋକମାନେ ଥାନାକୁ ଯିବା ପାଇଁ ଭୟ କରୁଛନ୍ତି। ଆଜି ଏପରି ସଙ୍ଗୀନ ଅଭିଯୋଗ ଆଣି ଜଗତସିଂହପୁର ଥାନାରେ ପହଞ୍ଚିଛନ୍ତି ବିଧାୟକ ଅମରେନ୍ଦ୍ର ଦାସ। ଆଉ ଏଫ୍‌ଆଇଆର୍ ଲେଖାଇବା ପାଇଁ ଥାନାକୁ କାଗଜ ଓ କଲମ ଦେଇଛନ୍ତି। ଲୋକଙ୍କ ସରକାରରେ ଏପରି ଖବରକୁ ନେଇ ଆଜି ଜଗତସିଂହପୁର ଜିଲ୍ଲାରେ ଚର୍ଚ୍ଚା ଚାଲିଛି ।ବିଧାୟକ ଅମରେନ୍ଦ୍ର ଦାସ ନିର୍ବାଚନ ସମୟରେ ସରେଣ୍ଡର କରିଥିବା ନିଜର ବନ୍ଧୁକ ଆଣିବା ପାଇଁ ଗୁରୁବାର ସନ୍ଧ୍ୟାରେ ଜଗତସିଂହପୁର ଥାନାକୁ ଯାଇଥିଲେ। ସେହି ସମୟରେ ଜଣେ ବରିଷ୍ଠ ନାଗରିକଙ୍କୁ ଥାନା କର୍ମଚାରୀ ଦୁର୍ବ୍ୟବହାର କରିଥିବା ଦେଖିବାକୁ ପାଇଥିଲେ। ଏପରିକି ଏଫ୍‌ଆଇଆର୍ ଲେଖିବାକୁ କାଗଜ କଲମ ନଥିବା କହିଥିଲେ। ଯେଉଁଥିପାଇଁ ବ୍ୟକ୍ତି ଜଣକ ବିରକ୍ତି ପ୍ରକାଶ କରି ଥାନାରୁ ଫେରି ଯାଉଥିଲେ। ସେହି ସମୟରେ ସେ ବିଧାୟକଙ୍କୁ ସବୁ କଥା କହିଥିଲେ। ପୂର୍ବରୁ ମଧ୍ୟ ପୁଲିସ୍‌ଙ୍କ ବିରୋଧରେ ଏପରି ନାନା ଅଭିଯୋଗ ଶୁଣିଥିଲେ ଶ୍ରୀ ଦାସ।

## ୧୫ ଦିନରେ ଭୁଶୁଡିଲା ୧୦ ବ୍ରିଜ: ୧୬ ଯନ୍ତ୍ରୀଙ୍କୁ ନିଲମ୍ବିତ କଲେ ସରକାର



ଭୁବନେଶ୍ୱର,୫ ।୭(ପି.ଏନ): ବିହାରର ବିଭିନ୍ନ ଜିଲ୍ଲାରେ ଗତ ୧୫ ଦିନ ମଧ୍ୟରେ ୧୦ଟି ବ୍ରିଜ ଭୁଶୁଡିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ବ୍ରିଜ ଭୁଶୁଡିବା ଘଟଣାରେ ଜଳ ସମ୍ପଦ ବିଭାଗର ୧୬ ଜଣ ଯନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଛି ।ବିହାରର ଉନ୍ନୟନ ସଚିବ ଚୈତନ୍ୟ ପ୍ରସାଦ କହିଛନ୍ତି, ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ବ୍ରିଜ ନିର୍ମାଣ କରିଥିବା କଣ୍ଟ୍ରାକ୍ଟରଙ୍କୁ ଠାବ କରାଯିବ ଓ ସେମାନଙ୍କୁ ସବୁ କିଛି ପାଇଁ ଦାୟୀ କରାଯିବ ବୋଲି ସେ କହିଛନ୍ତି।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ


© Reuters

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧/୨-୪

**ପର୍ଯ୍ୟବେକ୍ଷକ**

**ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୪, ଜୁଲାଇ ୬**

# ଓଡ଼ିଶାର ଜଗନ୍ନାଥ କେନ୍ଦ୍ରିକ ଭାଗବତ ଧର୍ମ



ଦେବରାଜ ପଟ୍ଟନାୟକ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଓଡ଼ିଶାର ଜଗନ୍ନାଥ କେନ୍ଦ୍ରିକ ଭାଗବତ ଧର୍ମ ଉପରେ ସମ୍ୟକ ଆଲୋଚନା ଉପସ୍ଥାପନ କରୁଛୁ। ଆମେ ଜାଣିଛେ ମଣିଷ ଜ୍ଞାନେନ୍ଦ୍ରିୟ ଦ୍ୱାରା ଜାଣିଥାଏ ଓ କର୍ମେନ୍ଦ୍ରିୟ ଦ୍ୱାରା କର୍ମ ସାଧନ କରିଥାଏ। ସମସ୍ତ ଜାଗତିକ ବସ୍ତୁକୁ ଅନୁଭବରେ ଆଣିବା ପାଇଁ ଜ୍ଞାନେନ୍ଦ୍ରିୟ ଗୁଡ଼ିକୁ ସାଧନ ଭାବରେ ବ୍ୟବହାର କରାଯାଏ। କିନ୍ତୁ ଏପରି କେତେ ଗୁଡ଼ିଏ ବସ୍ତୁ ଅଛନ୍ତି, ଯେଉଁ ଗୁଡ଼ିକୁ ଜାଣିବାରେ ଏହି ଇନ୍ଦ୍ରିୟ ଗୁଡ଼ିକ ସହାୟକ ହୋଇପାରନ୍ତି ନାହିଁ। ସେଗୁଡ଼ିକୁ ଜାଣିବା ପାଇଁ ଖାସ ମନର ହିଁ ସହାୟତା ଦରକାର ପଡ଼େ। ତେଣୁ ଇଚ୍ଛା, ଦ୍ୱେଷ ଓ ପ୍ରୟତ୍ନ ଭଳି କେତେ ଗୁଡ଼ିଏ କ୍ରିୟାକଳାପ ଅଛି, ଯାହାକି କେବଳ ଆତ୍ମା ମନ ଦ୍ୱାରା ହିଁ ସଂପାଦିତ କରିବାକୁ ପଡ଼ିଥାଏ। ଅନ୍ୟ ଇନ୍ଦ୍ରିୟଗୁଡ଼ିକ ସେଥିରେ କୌଣସି ଭୂମିକା ଗ୍ରହଣ କରିପାରନ୍ତି ନାହିଁ। ଯେଉଁଠି ମନ କେତେକ ବସ୍ତୁ ଜାଣିବାରେ ସହାୟକତା କରିପାରେ ନାହିଁ ସେଠାରେ ଯୁକ୍ତିତର୍କ ଜରିଆରେ ସେ ବସ୍ତୁଗୁଡ଼ିକ ଜାଣିବାକୁ ହୋଇଥାଏ। ଯୁକ୍ତିତର୍କକୁ ସଫଳତାର ସହିତ ଠିକ ଭାବରେ ସଜାଇବାରେ ବୁଦ୍ଧିର ଭୂମିକା ଅନସ୍ୱୀକାର୍ଯ୍ୟ। ତେଣୁ ସଂସାରର ସବୁ ପ୍ରକାର ବିଷୟ ବସ୍ତୁକୁ ଜାଣିବା ପାଇଁ ଇନ୍ଦ୍ରିୟ, ମନ ଓ ବୁଦ୍ଧିର ଉପାଦେୟତା ଥାଏ। ଭଗବାନ ମଣିଷକୁ ଯାହା ଯେତେବେଳେ ଦିଅନ୍ତି, ସେଗୁଡ଼ିକ ସବୁ ମଣିଷ ପ୍ରତି ଭଗବାନଙ୍କର ବରଦାନ। ଭଗବାନ ମଣିଷକୁ ଯେତେ ବର ଦିଅନ୍ତି, ସେଗୁଡ଼ିକ ମଧ୍ୟରେ ଭଗବାନଙ୍କ ପ୍ରତି ଅହେତୁକୀ ଭକ୍ତି ଉଦ୍ରେକ କରିବା ପାଇଁ ଯେପରି ଅନୁକୂଳ ହୃଦୟ ଦିଅନ୍ତି ତାହା ସବୁଠାରୁ ବଡ଼ ବରଦାନ। ମଣିଷଠାରେ ହୃଦୟ ଅଛି। ହୃଦୟ ଦ୍ୱାରା ଅନୁଭବ ହୁଏ। କିନ୍ତୁ ସବୁ ପଦାର୍ଥର ଅନୁଭବ ଠାରୁ ଭଗବାନ ବିଷୟକ ଅନୁଭବ ପୃଥକ ତାହା ସ୍ୱାଭାବିକ। ସ୍ୱାନୁଂ ନିମନ୍ତେ ହୃଦୟକୁ ପ୍ରସ୍ତୁତ କରିବାରେ ବ୍ୟକ୍ତିଗତ ଉଦ୍ୟମ ସ୍ୱରୂପ ତ୍ୟାଗ, ତପସ୍ୟା, ଶୁଦ୍ଧପୂତ ଜୀବନଯାପନର ଯେତିକି ଆବଶ୍ୟକତା ରହିଛି ଭଗବତ କୃପାର ସେତିକି ପ୍ରୟୋଜନ ଅଛି। ତ୍ୟାଗ ତପସ୍ୟା ରୂପକ କ୍ରିୟା କଳାପ ଦ୍ୱାରା ଉଦ୍ରେକ ହେଉଥିବା ଆତ୍ମ ନିବେଦନ ଅର୍ଥାତ୍ ଶରଣାଗତି ରୂପକ ପ୍ରପତ୍ତି ଅବସ୍ଥା ଆସିବା ହେଉଛି ତ୍ୟାଗ ଓ ତପସ୍ୟାର ଚରମ ପରିଣତି ଏବଂ ଏହି ଅବସ୍ଥାକୁ ଭଗବାନ କୃପା ପ୍ରଦର୍ଶନ କରି ଆବୋରି ନେବା ହେଉଛି ଅନୁକୂଳ ହୃଦୟର ଉତ୍କୃଷ୍ଟ ଅବତରଣିକା। ଠିକ ଏତିକି ବେଳେ ଭଗବାନଙ୍କ ପ୍ରତି ଯେଉଁ ଅହେତୁକ। ଭକ୍ତି ଆସେ ତାହାଦ୍ୱାରା ଭଗବାନଙ୍କ ବ୍ୟତୀତ ଭକ୍ତ ଆଉ କାହାକୁ ଶ୍ରେୟ ବୋଲି ଜାଣିପାରେ ନାହିଁ, ଠିକ ସେହି ଅବସ୍ଥା ହେଉଛି ଭଗବତ ପ୍ରାପ୍ତି ଅବସ୍ଥା। ଏହି କ୍ଷେତ୍ରରେ ନିଜେ ଭଗବାନ ଭଗବତ ପ୍ରାପ୍ତିର କାରଣ ଓ କାର୍ଯ୍ୟ ହୋଇଥାନ୍ତି। କାର୍ଯ୍ୟ ଓ କାରଣର ଏକାକାର ଅବସ୍ଥାକୁ ତଦାକାରାକାରିତ ଅବସ୍ଥା ବେଦାନ୍ତ ଦର୍ଶନରେ କୁହାଯାଏ। ଭକ୍ତର ଏତାଦୃଶ ଧର୍ମକୁ ଭାଗବତ ଧର୍ମ କୁହାଯାଏ।

ଭଗବାନଙ୍କ ଠାରେ ଲୀନ ହେବା ଅପେକ୍ଷା ଭଗବତ ସାନ୍ନିଧ ଲାଭ ଅଧିକ ଶ୍ରେୟସ୍କର ହୋଇଥିବାରୁ ସାୟୁଜ୍ୟ ମୁକ୍ତି ଅପେକ୍ଷା ଭକ୍ତିବାଦରେ ସାଲୋକ୍ୟ ମୁକ୍ତିର ପ୍ରାଧାନ୍ୟକୁ ଅଙ୍ଗୀକାର କରାଯାଇଛି। ସାଲୋକ୍ୟ ମୁକ୍ତିଲାଭ କରିଥିବା ଭକ୍ତ ଭଗବାନଙ୍କ ସହିତ ଏକ ସ୍ଥାନରେ ଅବସ୍ଥାନ କରେ। ଜଗନ୍ନାଥଙ୍କୁ ପରମ ପ୍ରେମମୟ ଭଗବାନ ଦୃଷ୍ଟିରେ ଗ୍ରହଣ କରି ତାଙ୍କ ସହିତ ଏକତ୍ର ନିବାସ କରି ରହିବା ପ୍ରତ୍ୟେକ ଜଗନ୍ନାଥ ପ୍ରେମୀଙ୍କର ପରମ ଅଭିଳାଷ। ଭଗବାନ ଯେଉଁଠି ନିତ୍ୟ ନିରନ୍ତର ଅବସ୍ଥାନ କରନ୍ତି ସେ ସ୍ଥାନଟି ଗୋଲକଧାମ ବା ବୈକୁଣ୍ଠଧାମ। ଭଗବାନ ଶ୍ରୀଜଗନ୍ନାଥଙ୍କର ନିତ୍ୟ ଲୀଳାକ୍ଷେତ୍ର ପୁରୁଷୋତ୍ତମ ଧାମକୁ ଏହି ପରିପ୍ରେକ୍ଷୀରେ ମର୍ତ୍ତ୍ୟ ବୈକୁଣ୍ଠ ଭାବରେ ଗ୍ରହଣ କାରାଯାଇଛି। ଏଠାରେ ଅବସ୍ଥାନ କରି ରହିବା ନିମନ୍ତେ ଭକ୍ତ ଜଗନ୍ନାଥଙ୍କ କୃପା ଉପରେ ନିର୍ଭର କରିଥାଏ। ତେଣୁ କୁହାଯାଏ ଜଗନ୍ନାଥ ଇଛା ନକଲେ ପୁରୀରେ ଖଣ୍ଡିଏ ବାସ ମିଳେନାହିଁ। ମର୍ତ୍ତ୍ୟ ବୈକୁଣ୍ଠ ରୂପକ ପୁରୁଷୋତ୍ତମ ଧାମରେ ଅବସ୍ଥାନ କରିବାର ଅର୍ଥ ସାଲୋକ୍ୟ ମୁକ୍ତି ଲାଭ କରିବା। ଏହି ଅଭିଳାଷରେ ପୁରୀରେ ଦେହ ତ୍ୟାଗ କରିବା କେତେ ପୁଣ୍ୟର ଫଳ ବୋଲି ଗଣ୍ୟ କରାଯାଏ। ଏହି ଆଶା ନେଇ କେତେ ଦୂର ଦୂରାନ୍ତରେ ଦେହତ୍ୟାଗ କରିଥିଲେ ମଧ୍ୟ ସ୍ୱର୍ଗଦ୍ୱାରରେ ଅନ୍ତେଷ୍ଟି ସଂସ୍କାର କରିବା ପାଇଁ ଲୋକେ ଧାଇଁ ଆସନ୍ତି। କାରଣ ଏହି ଠାରେ ଦେହତ୍ୟାଗ ଓ ଶବଦାହ ଦ୍ୱାରା ଜୀବର ସାଲୋକ୍ୟ ମୁକ୍ତି ହୁଏ। ଓଡ଼ିଶାରେ ଭାଗବତ ଧର୍ମର ପରମ ପ୍ରତୀକ ଭକ୍ତ ଜଗନ୍ନାଥଙ୍କ ଶରଣାଗତ ହୋଇ ଗାଇଛନ୍ତି - 'ଜଗନ୍ନାଥ! କିଛି ମାଗୁ ନାହିଁ ତୋତେ। ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ।'' ଓଡ଼ିଶାରେ ଜଗନ୍ନାଥ କୈନ୍ଦ୍ରିକ ଭାଗବତ ଧର୍ମର ଏହା ଏକ ସଫଳ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ।

*ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ,*
*ମିଶନ ରୋଡ଼,*
*ବକ୍ସି ବଜାର, କଟକ,*
*ଦୂରଭାଷ : ୯୮୬୧୧୮୭୨୧୨*

# କଳୁଷିତ ରାଜନୀତି ନୈତିକତା ଶୂନ୍ୟ ରାଜନେତା



ଆଶୁତୋଷ ନାୟକ

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ୱା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ।ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର ।ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ । ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ୍ଣ ଅଛି । ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମ ରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ୱା ସୁବିଧା ଅପହଞ୍ଚ । ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଧାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୭ବର୍ଷ ପରେ ମଧ ଏବେବି ଅନେକ ଗରିବ ଓ ମଧ୍ୟବିତ୍ତ ପରିବାର ନିଜର ମୌଳିକ ଅଧିକାର ଖାଦ୍ୟ, ବସ୍ତ୍ର, ବାସଗୃହରୁ ବଞ୍ଚିତ । ଆମ ରାଜ୍ୟ ଓଡିଶାରେ ୨୪ବର୍ଷ ଧରି ବିଜୁଜନତା ଦଳ ଶାସନ କ୍ଷମତାରେ ଥିଲା । ତଥାପି ରାଜ୍ୟର ୧୧ଟି ବୁଥରେ ପ୍ରାୟ ୧୦ହଜାର ଲୋକ ଭୋଟ ବର୍ଜନ କରିବା ଘଟଣା ଦୁର୍ଭାଗ୍ୟଜନକ କହିଲେ ଅତ୍ୟୁକ୍ତି ହେବନାହିଁ । ଏତିକି ସଂଖ୍ୟକ ଲୋକ କେବଳ ଭୋଟ ବର୍ଜନ କରିଛନ୍ତି ବୋଲି ସମସ୍ୟା କେବଳ ଏସବୁ ଅଞ୍ଚଳରେ ରହିଛି ଏହା କହିବା ନିଶ୍ଚିତ ଭାବେ ଅନ୍ୟାୟ ହେବ । ଏବେବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ମଧ୍ୟବିତ୍ତ ଲୋକଙ୍କ ପାଇଁ ନିଜର ମୌଳିକ ଅଧିକାର ପାଇବା ଦିବା ସ୍ୱପ୍ନ ସଦୃଶ । ନିଜର ପୁଞ୍ଜିବୁତ ଅସନ୍ତୋଷକୁ ଜାହିର କରିବା ପାଇଁ ଏଇ ନିର୍ବାଚନରେ ସରକାର ପରିବର୍ତ୍ତନ ପାଇଁ ଭୋଟ ଦେଇଛନ୍ତି ।ଆଉ କିଛି ଲୋକ ସ୍ଥିତି ଅସହ୍ୟ ହେବାରୁ ଶେଷ ଉପାୟ ଭାବେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ।ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି। ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ । ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ହୋଇଥିଲା । ଏଥିରେ ୨୦୦ରୁ ଅଧିକ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ ।

ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ । ସେହିପରି ମହାନ ରାଷ୍ଟ୍ରବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ୧ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା ।ରାଜନୀତିରେ ଘୋଡାବେପାରକୁ ସେ ନାପସନ୍ଦ କରୁଥିଲେ । କ୍ଷମତା ଲାଳସା ତାଙ୍କୁ ସ୍ପର୍ଶ କରିପାରିନଥିଲା । ତାଙ୍କ ପାଇଁ ନିଜ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା । ସେଥିପାଇଁ ଡିସେମ୍ବର୨୫ ତାରିଖକୁ ଆମ ଦେଶରେ ଗୁଡ଼ ଗବେରନାନ୍ସ ଡ ? ଭାବେ ପାଳନ କରାଯାଉଛି । କିଛି ସୁବିଧାବାଦୀ, ସ୍ୱାର୍ଥବାଦୀ, କ୍ଷମତାଲୋଭୀ ରାଜନେତା ନିର୍ବାଚନ ପାଣିପାଗକୁ ଲକ୍ଷ୍ୟ କରି ଦଳ ପରିବର୍ତ୍ତନ କରୁଛନ୍ତି । ଏହିପରି ଅନେକ ଉଦାହରଣ ରହିଛି । ବର୍ତ୍ତମାନ ଏହିଭଳି ଘଟଣା ବାରମ୍ବାର ଘଟୁଛି ।ଏହାର ଶେଷ ଜ୍ୱଳନ୍ତ ଉଦାହରଣ ବିହାରର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ଦଳ ପରିବର୍ତ୍ତନ କରିବାରେ ସେ ବିଶ୍ୱରେକର୍ଡ ବନାଇଛନ୍ତି । ସେଥିପାଇଁ ରାଜନୀତିରେ ତାଙ୍କୁ 'ପଲଟୁ ରାମ 'ର ଆଖ୍ୟା ଦିଆଯାଇଛି ।ସଦ୍ୟ ସମାପିତ ଲୋକସଭା ନିର୍ବାଚନରେ ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳ ମାନେ ବିପୁଳ ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଲୋଭନୀୟ ସାମଗ୍ରୀ ବାଣ୍ଟିଥିଲେ । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ୧୦୦୦୦କୋଟିରୁ ଅଧିକ ନଗଦ ଟଙ୍କା, ୧୨୬୦କୋଟିରୁ ଅଧିକ ସୁନା ଅଳଙ୍କାର ଏବଂ ବିଭିନ୍ନ ଲୋଭନୀୟ ସାମଗ୍ରୀ ଦେଶର ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିଲା । ଏହା ନିଶ୍ଚିତ ଭାବେ ଭାରତୀୟ ନିର୍ବାଚନ ଇତିହାସ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ । ସେହିପରି ଆମ ରାଜ୍ୟରେ ୨୪ବର୍ଷ ଧରି ଶାସନ କ୍ଷମତାରେ ଥିବା ଗୋଟିଏ ଆଞ୍ଚଳିକ ଦଳ ବିଜେଡି କ୍ଷମତାଚ୍ୟୁତ ହୋଇଛି । ନିଜର ଏକଛତ୍ରବାଦୀ ନୀତି, ଅହଂକାର ପାଇଁ ବିଜେଡି ଦୁର୍ଗର ପତନ ଘଟିଛି । କ୍ଷଷ୍ଟ ଥର ପାଇଁ ମୁଖ୍ୟମନ୍ତ୍ରୀର ସ୍ୱପ୍ନ ଦେଖୁଥିବା ନବୀନ ପଟ୍ଟନାୟକଙ୍କ ସବୁ ସ୍ୱପ୍ନ ଧୂଳିସାତ ହୋଇଯାଇଛି । ଜନତା ପରିବର୍ତ୍ତନ ପାଇଁ ନିଜର ମତାମତ ସାବ୍ୟସ୍ତ କରିଛନ୍ତି ଏହା ଅପ୍ରିୟ ସତ୍ୟ। ବର୍ତ୍ତମାନ ଉଭୟ ଆମ ରାଜ୍ୟ ଓ କେନ୍ଦ୍ରରେ ଦିଆଯାଇଥିବା ଜନାଦେଶକୁ ଲକ୍ଷ୍ୟ କଲେ ଏହା ସ୍ୱଷ୍ଟ ଭାବରେ ପ୍ରତୀୟମାନ ହୁଏଯେ କେନ୍ଦ୍ରରେ ମୋଦି ସରକାରଙ୍କୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିନଥିବାରୁ ମିଳିତ ସହଯୋଗୀ ଦଳ ଏନଡ଼ିଏକୁ ନେଇ ସରକାର ଚଳାଇବାକୁ ପଡିବ । ନିର୍ବାଚନ ପ୍ରଚାର ସମୟରେ ବିଜେପିର ବଡ଼ ବଡ଼ ନେତା, ମନ୍ତ୍ରୀ, 'ଅବକି ବାର ୪୦୦ ପାର 'ର ଡିଣ୍ଡିମ ପିଟୁଥିଲେ। ହେଲେ ବିଜେପି ନେତାଙ୍କର ଅତୀବ ଆତ୍ମବିଶ୍ୱାସ, ବିରୋଧୀ ଦଳଙ୍କୁ ହେୟଜ୍ଞାନ ମନେକରିବା ଯୋଗୁଁ ବହୁସଂଘର୍ଷପରେ ୨୪୦ଆସନ ଜିତିବାକୁ ସକ୍ଷମ ହୋଇଥିଲେ ।ନିରପେକ୍ଷ ଭାବରେ କାର୍ଯ୍ୟ କରୁଥିବା ଆଗ ଧାଡିର ସର୍ବ ?କ୍ଷଣ ସଂସ୍ଥା ଏଡ଼ିଆର ଏବଂ ଇଲେକ୍ସନ ୱାଚ଼ର ରିପୋର୍ଟ ଅନୁସାରେ ସଦ୍ୟ ସମାପିତ ହୋଇଥିବା ଲୋକସଭା ନିର୍ବାଚନରେ ୮୩୬୦ଜଣ ପାର୍ଥୀ ନିର୍ବାଚନ ରଣାଙ୍ଗନରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୧୩୩୩ଜଣ ପାର୍ଥୀ ଜାତୀୟ ଦଳରୁ,୫୩୨ଜଣ କ୍ଷତ୍ରୀୟ ଦଳରୁ ଏବଂ ୩୯୧୫ଜଣ ପାର୍ଥୀ ସ୍ୱାଧୀନ ଭାବରେ ଲଢ଼ିଥିଲେ ଏବଂ ୨୫୮୦ଜଣ ପାର୍ଥୀ ଅଣତାଲିକାଭୁକ୍ତ ଦଳରୁ ନିର୍ବାଚନ ଲଢ଼ିଥିଲେ । ଜାତୀୟ ଦଳରୁ ନିର୍ବାଚନ ଲଢ଼ିଥିବା ୧୩୩୩ଜଣ ପାର୍ଥୀଙ୍କ ମଧ୍ୟରୁ ୪୪୩ଜଣ ପାର୍ଥୀ ନିଜ ନାମରେ ରହିଥିବା ଅପରାଧ ମାମଲାକୁ ସତ୍ୟପାଠରେ ଦର୍ଶାଇଛନ୍ତି । ସେଥିମଧ୍ୟରୁ ୧୬୯ଜଣ ପାର୍ଥୀଙ୍କ ନାମରେ ରହିଛି ହତ୍ୟା, ଧର୍ଷଣ, ଚୋରି, ଦଙ୍ଗା ଉସୁକାଇବା, ଡକାୟତି, ଦେଶଦ୍ରୋହ ପରି ଅତି ସଙ୍ଗୀନ ଅପରାଧିକ ମାମଲା । ସ୍ୱାଧୀନ ଭାବରେ ଲଢୁଥିବା ୩୯୧୫ଜଣ ପାର୍ଥୀଙ୍କ ମଧ୍ୟରୁ ୫୫୦ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି ସେଥିମଧ୍ୟରୁ ୪୧୧ଜଣ ପାର୍ଥୀଙ୍କ ନାମରେ ରହିଛି ସଙ୍ଗୀନ ଅପରାଧିକ ମାମଲା । ଏକବିଂଶ ଶତାବ୍ଦୀର ରାଜନେତାଙ୍କୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ସବୁ ରାଜନୈତିକ ଦଳ ନିଜର ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରନ୍ତି। ନିର୍ବାଚନରେ ବିଜୟୀ ହେବା ପାଇଁ ସାଧାରଣ ଜନତାଙ୍କୁ ମିଥ୍ୟା ପ୍ରତିଶୃତି, ଅବାସ୍ତବ ସ୍ୱପ୍ନ ଦେଖାଇଥାନ୍ତି ।ସବୁ ନୀତି, ନିୟମ, ନୈତିକତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କଳ, ବଳ, କୌଶଳ ପ୍ରୟୋଗ କରି କ୍ଷମତା ହାତେଇବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଥାଏ । ଶାସନ କ୍ଷମତାରେ ରହିଥିବା ଶାସକଦଳ ଅଧିକ ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରିବାକୁ ସକ୍ଷମ ହୋଇଥାଏ । ବିରୋଧୀ ଦଳଙ୍କୁ ସେହିପରି ସୁଯୋଗ ମିଳିନଥାଏ ।ଏହି ସତ୍ୟକୁ ସ୍ୱୀକାର କରିବାକୁ ପଡିବ । ଏକବିଂଶ ଶତାବ୍ଦୀର ରାଜନେତାଙ୍କ ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଯେପରିକି ଆୟକର ବିଭାଗ, ଇଡ଼ି, ସିବିଆଇ, ଏନଆଇ, ଏହା ସହିତ ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ କ୍ଷମତାଧିନ ଶାସକଦଳ ଚେଷ୍ଟା କରେ । ଅନେକାଂଶରେ ଶାସକ ଦଳ ଏଥିରେ ସଫଳ ହୁଏ ଏବଂ ବିରୋଧୀମାନଙ୍କୁ ଭୟଭୀତ କରିବା ପାଇଁ ଏହାକୁ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରେ । ସଦ୍ୟ ସମାପିତ ଲୋକସଭା ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ କରାଇବା କାର୍ଯ୍ୟ ନିର୍ବାଚନ କମିଶନଙ୍କ ହାତରେ ନ୍ୟସ୍ତ ଥାଏ ।ନିର୍ବାଚନ ପ୍ରଚାର ସମୟରେ ହିଂସା, ଘୃଣା, ଧର୍ମ ଆଧାରରେ ବିଭାଜିତ ବୟାନବାଜି ପାଇଁ ଅନେକ ଅଭିଯୋଗ ନିର୍ବାଚନ କମିଶନଙ୍କ ପାଖରେ ହୋଇଥିଲା ।ଅଭିଯୋଗର ତ୍ୱରିତ ସମାଧାନ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ନିର୍ବାଚନ କମିଶନ ସେତେଟା ସଫଳ ହୋଇପାରିନଥିଲେ ।ବିରୋଧୀ ଦଳର ନେତାଙ୍କ ବିରୁଦ୍ଧରେ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା କିନ୍ତୁ ଶାସକ ଦଳର ନେତାଙ୍କ ପ୍ରତି ନରମଭାବ ପୋଷଣ କରିବା ନିର୍ବାଚନ କମିଶନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି । ବିଗତ ଦିନର ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଶାସକଦଳ ଦ୍ୱାରା ସିବିଆଇ, ଇଡ଼ି, ପୋଲିସ ବିଭାଗର ବ୍ୟାପକ ଦୁରପଯୋଗ ହୁଏ ନିଜର ରାଜନୈତିକ ବିରୋଧୀମାନଙ୍କ ସ୍ୱରକୁ ଦବାଇବା ପାଇଁ ଓ ସେମାନଙ୍କୁ ଭୟଭୀତ କରିବା ପାଇଁ ଏବଂ ଏହା ସହିତ ଭୋଟ ବ୍ୟାଙ୍କ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ । ଏହା ଆମ ଗଣତନ୍ତ୍ର ପାଇଁ ଭୟଙ୍କର । ସେଥିପାଇଁ ମନମୋହନ ସିଂ ସରକାର ଶାସନ ସମୟରେ ୨୦୧୩ମସିହାରେ ବିଚାରପତି ଆରଏମ୍ ଲୋଧାଙ୍କ ଖଣ୍ଡପୀଠ କୋଇଲା ଆବଣ୍ଟନ ଦୁର୍ନୀତି ମାମଲାରେ ସିବିଆଇ ଉପରେ କ୍ଷୁବ୍ଧ ହୋଇଥିଲେ ଏବଂ ସିବିଆଇ କାର୍ଯ୍ୟଦକ୍ଷତାକୁ ଲକ୍ଷ୍ୟକରି 'ପୋଷା ଶୁଆ 'ବୋଲି ମତବ୍ୟକ୍ତ କରିଥିଲେ । ସେତେବେଳେ ବିଭିନ୍ନ ମହଲରେ ସିବିଆଇକୁ ସମାଲୋଚ଼ିତ ହେବାକୁ ପଡିଥିଲା । ସିବିଆଇ ଏବଂ ଇଡ଼ି ପରି ତଦନ୍ତକାରୀ ସଂସ୍ଥାର ନିରପେକ୍ଷତା ଉପରେ ବାରମ୍ବାର ପ୍ରଶ୍ନବାଚ଼ୀ ସୃଷ୍ଟି ହୋଇଛି । କିଛି ଦିନ ପୂର୍ବରୁ ନ୍ୟୁଜ କ୍ଲିକର ପ୍ରତିଷ୍ଠାତା ଓ ସମ୍ପାଦକ ପ୍ରବୀର ପୁରକାୟସ୍ଥଙ୍କୁ ୟୁଏପିଏ ମାମଲାରେ ଦିଲ୍ଲୀ ପୋଲିସର ଗିରଫଦାରୀକୁ ସୁପ୍ରିମକୋର୍ଟ ବେଆଇନ ବୋଲି ମତବ୍ୟକ୍ତ କରିଥିଲେ ଏବଂ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।ଗିରଫ ଦାୟିତ୍ୱରେ ଥିବା ତଦନ୍ତକାରୀ ସଂସ୍ଥାର ଆଚ଼ରଣ ଉପରେ ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା କରାଯାଇଥିଲା । ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚ଼ନା କରାଯାଏ । ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚ଼ନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକ ମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖାଯାଇଥିଲା । ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କରାଗାରରେ ରଖାଯାଇଥିଲା । ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା ।ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା । ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀକୁ ଲୋଭ ଦେଖାଇ କିଣିନପାରନ୍ତି,ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି କିନ୍ତୁ ସତ୍ୟର ଏକ ଚ଼ମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ । ଗଣତନ୍ତ୍ରରେ ବିରୋଧୀ ଦଳ ଶକ୍ତିଶାଳୀ ହେବା ଶୁଭ ସଂକେତ ଏହାଦ୍ୱାରା ଗଣତନ୍ତ୍ର ମଜବୁତ, ସଶକ୍ତ ହୁଏ ଗୁରୁତ୍ୱପୂର୍ଣ୍ଣ ବିଲ୍ଲ ପାସ କରିବାକୁ ହେଲେ ଏନଡ଼ିଏର ସହଯୋଗୀ ଦଳ ମାନେ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ସେଥିପାଇଁ ଶାସକ ଦଳକୁ ବିନମ୍ର ହୋଇ ସମସ୍ତଙ୍କ ସହଯୋଗରେ ଭାରତକୁ ଏକ ବିକଶିତ ରାଷ୍ଟ୍ର ନିର୍ମାଣରେ ସମସ୍ତ ପ୍ରକାର ପ୍ରଚେଷ୍ଟା କରିବା ଆବଶ୍ୟକ ମହାନ ଜନନାୟକ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ, ଉତ୍କଳ କେଶରୀ ଡ଼କ୍ଟର ହରେକୃଷ୍ଣ ମହତାବ, ମହାନ ରାଜନେତା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପରି ରାଜନେତାଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ନୈତିକତାକୁ ପ୍ରାଧାନ୍ୟ ଦେଇ ଆମ ରାଷ୍ଟ୍ରର କଲ୍ୟାଣ ପାଇଁ ସବୁ ରାଜନେତାଙ୍କୁ କାର୍ଯ୍ୟ କରିବାକୁ ପଡିବ । ଭୋଟ ବ୍ୟାଙ୍କ ଏବଂ କାଦୁଅ ପିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡିବ । ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଆଶୁତୋଷ ନାୟକ
ଗୋପାଳପୁର,, ବାଲେଶ୍ୱର,,
ମୋବାଇଲ- ୭୦୨୦୬୧୧୩୦୦

# ନାଗରିକ ନ୍ୟାୟ ସଂହିତା



ଯୁଧିଷ୍ଠିର ମହାରଣା

ଆଜି ଅର୍ଥାତ୍ ଜୁଲାଇ ପହିଲାରୁ ଦେଶରେ ଲାଗୁହେଉଛି ନାଗରିକ ନ୍ୟାୟ ସଂହିତା। ଏହା ସହିତ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜାରି ରହିଥିବା ଆଇପିସି, ସିଆରପିସି ଓ ଇଣ୍ଡିଆନ ଏଭିଡ଼େନ୍ସ ଆକ୍ଟ ଭଳି ବ୍ରିଟିଶ ନିୟମ ହଟିଯିବ। ଏନେଇ ଗତ ଫେବୃଆରୀ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିବପା ବେଳେ କିଛିଦିନ ତଳେ କେନ୍ଦ୍ର ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ଡିସେମ୍ବର ମାସରେ ସଂଶୋଧିତ ହୋଇଥିବା ନୂଆ ଆଇନ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷୀ ଅଧିନିୟମକୁ ଲାଗୁ କରିବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେଣୁ ଆଉ ପୁରୁଣା ଆଇପିସି ଓ ସିଆରପିସି ଲାଗୁ ହେବନାହିଁ। କ୍ରାଇମ, କ୍ରିମିନାଲ, ଟ୍ରାକିଂ ବା ସିସିଟିଏନଏସରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ। ଏଥିପାଇଁ ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋ ଓ ଷ୍ଟେଟ କ୍ରାଇମ ରେକର୍ଡ଼ ବ୍ୟୁରୋରେ ବ୍ୟାପକ ପରିବର୍ତ୍ତନ କରାଯାଉଛି। ନୂଆ ଆଇନ ଓ ପୁରୁଣା ନିୟମ ମଧ୍ୟରେ ଅନେକ ଫରକ ରହିଛି। ପୁରୁଣା ନିୟମରେ ଅପରାଧକୁ ଗୁରୁତ୍ୱ ଦିଆଯାଇଥିଲା। ହେଲେ ଲାଗୁହେବାକୁ ଯାଉଥିବା ନୂଆ ଆଇନ ବ୍ୟବସ୍ଥାରେ ନ୍ୟାୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମାନବାଧିକାର ଓ ତଦନ୍ତରେ କିଭଳି ଆଧୁନିକ ଜ୍ଞାନ କୌଶଳ ବ୍ୟବହାର କରାଯିବ, ଆବଶ୍ୟକ ସମୟରେ କିପରି ଅଧିକ ଶକ୍ତି ବିନିଯୋଗ କରାଯିବ, ନୂଆ ଆଇନରେ ସେ ପ୍ରାବଧାନ ରହିଛି। ନୂଆ ଆଇନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉଛି। ବ୍ରିଟିଶ ଶାସନ କାଳରୁ ପ୍ରଚଳିତ ଭାରତୀୟ ପିଙ୍ଗଳ କୋଡ଼, ଫୌଜଦାରୀ ଦଣ୍ଡବିଧି ଆଇନ ଏବଂ ଭାରତୀୟ ସାକ୍ଷ୍ୟ ଆଇନ ଇତିହାସ ପାଲଟିବ। ଏହା ସ୍ଥାନରେ କେନ୍ଦ୍ର ସରକାର ଆଣିଥିବା ତିନି ନୂଆ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ କରାଯିବ। ନୂଆ ଫୌଜଦାରୀ ଆଇନରେ ଆଧୁନିକ ନ୍ୟାୟ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯାଇଛି। ଏଥିରେ ଜିରୋ ଏଫଆଇଆର , ଅନଲାଇନ ଯୋଗେ ପୁଲିସରେ ଅଭିଯୋଗ, ଇଲେକ୍ଟ୍ରୋନିକ ମୋଡ଼ ଯଥା ଏସଏମଏସରେ ସମନ ଏବଂ ଜଘନ୍ୟ ଅପରାଧରେ ଘଟଣାସ୍ଥଳର ଭିଡ଼ିଓ ଗ୍ରାଫିକୁ ବାଧ୍ୟତାମୂଳକ କରାଯାଇଛି। ଅପରାଧ କ୍ଷେତ୍ରରେ ବ୍ରିଟିଶ ଶାସନ ସମୟରୁ ପ୍ରଚଳିତ ଆଇନରେ ଦଣ୍ଡ ବିଧାନକୁ ଅଗ୍ରାଧିକାର ଦିଆଯାଇଥିଲା। କିନ୍ତୁ ନୂଆ ଆଇନରେ ନ୍ୟାୟ ପ୍ରଦାନକୁ ପ୍ରାଥମିକତା ଦିଆଯାଇଛି। ଏହି ନୂଆ ଆଇନ ଭାରତୀୟଙ୍କ ଦ୍ୱାରା, ଭାରତୀୟଙ୍କ ପାଇଁ ଓ ଭାରତୀୟ ସଂସଦରେ ଅଣାଯାଇଛି ଏବଂ ଏହା ଔପନିବେଶିକ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାର ଅନ୍ତ ଘଟାଇବ। ଇଂରେଜ ଶାସନ ସମୟରୁ ପ୍ରଚଳିତ ଆଇପିସିରେ ମୋଟ ୫୧୧ଟି ଧାରା ରହିଥିଲା ବେଳେ ତାର ସ୍ଥାନ ନେବାକୁ ଯାଉଥିବା ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି ଧାରା ରହିଛି। ସଂଶୋଧନ ମାଧ୍ୟମରେ ସେଥିରେ ୨୦ଟି ନୂଆ ଅପରାଧକୁ ସାମିଲ କରାଯାଇଛି। ୩୩ଟି ଅପରାଧରେ ଦଣ୍ଡବିଧାନ ବଢ଼ାଯାଇଥିଲା ବେଳେ ୮୩ଟି ଅପରାଧରେ ଜରିମାନା ରାଶି ବୃଦ୍ଧି କରାଯାଇଛି। ୨୩ଟି ଅପରାଧରେ ସର୍ବନିମ୍ନ ଦଣ୍ଡାରପ୍ରାବଧାନ ରହିଛି। ଏଥିସହ ୬ଟି ଅପରାଧ ପାଇଁ ଗୋଷ୍ଠୀ ସେବା କରିବାର ଆଇନଗତି ବ୍ୟବସ୍ଥା ରଖାଯାଇଛି। ସେହିଭଳି ଫୌଜଦାରୀ ଦଣ୍ଡ ସଂହିତା ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା କାର୍ଯ୍ୟକାରୀ ହେବ। ସିଆରପିସିରେ ମୋଟ ୪୮୪ଟି ଧାରା ରହିଥିଲା ବେଳେ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ ଧାରା ରହିଛି। ନୂଆ ଆଇନରେ ୧୭୭ଟି ଧାରାକୁ ବଦଳାଯାଇଥିବା ବେଳେ ୩୯ଟି ନୂଆ ଅପରାଧକୁ ସାମିଲ କରାଯାଇଛି। ଏଥିସହ ୩୫ଟି ଧାରାର ସମୟ ସୀମା ସ୍ଥିର କରାଯାଇଛି। ସେହିଭଳି ଇଂରେଜ ଶାସନ ସମୟରୁ ପ୍ରଚଳିତ ଭାରତୀୟ ସାକ୍ଷ୍ୟ ଆଇନରେ ମୋଟ ୧୬୭ଧାରା ରହିଥିଲା ବେଳେ ନୂଆକରି ଅଣାଯାଇଥିବା ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୭୦ ଧାରା ଅର୍ଥାତ୍ ୩ଟି ଅଧିକ ଧାରା ସ୍ଥାନ ପାଇଛି। ତେବେ ନୂଆ ଆଇନରେ ୨୪ଟି ଧାରାକୁ ସଂଶୋଧନ କରାଯାଇଛି। ଦେଶଦ୍ରୋହ ପାଇଁ ଆଇପିସିରେ ଧାରା ୧୨୪ ଲାଗୁ ହେଉଥିବା ବେଳେ ନୂଆ ଆଇନରେ ଧାରା ୧୫୨ ଲାଗୁ କରାଯିବ। ବେଆଇନ ଭାବେ ଏକତ୍ରିକ ହେବା ପାଇଁ ଧାରା ୧୪୪ ସ୍ଥାନରେ ୧୮୯ ଲାଗୁ ହେବ। ହତ୍ୟା ପାଇଁ ପୂର୍ବରୁ ଧାରା ୩୦୨ ଲାଗୁ ହେଉଥିଲା ବେଳେ ଏବେ ୧୦୧ ଲାଗୁ କରାଯିବ। ହତ୍ୟା ଉଦ୍ୟମ ପାଇଁ ଧାରା ୩୦୭ ରହିଥିଲାବେଳେ ବର୍ତ୍ତମାନ ଧାରା ୧୦୯ ଲାଗିବ। ବଳାତ୍କାର ପାଇଁ ଧାରା ୩୭୬ ଲାଗୁ ହେଉଥିଲା। କିନ୍ତୁ ଏବେ ଧାରା ୬୩ ଲାଗୁ ହେବ। ସେହିଭଳି ମାନହାନି ପାଇଁ ଧାରା ୩୯୯ ଲାଗୁଥିଲାବେଳେ ନୂଆ ଆଇନ ଅନୁସାରେ ଧାରା ୩୫୬ ଲାଗୁ କରାଯିବ। ପୂର୍ବ ଠକେଇ ଲାଗି ଧାରା ୪୨୦ ଲାଗୁଥିଲା ବର୍ତ୍ତମାନ ଧାରା ୩୧୬ ଲାଗିବ। ୧୮ ବର୍ଷରୁ କମ ହେଲେ ଶିଶୁ ୬ଟି ଅପରାଧରେ ଦୋଷୀ ହେଲେ ଗୋଷ୍ଠୀ ସେବା ଦଣ୍ଡ : ଔପନିବେଶିକ ଚିନ୍ତାଧାରାରୁ ମୁକ୍ତି ପାଇଁ ନୂଆ ଆଇନ ଉଦ୍ଦିଷ୍ଟ। ଭାରତୀୟ ନ୍ୟାୟ ସଂହିତାରେ ୨୦ଟି ଅଧ୍ୟାୟ ରହିଛି। ୩୫୮ ଧାରା ସ୍ଥାନ ପାଇଛି। ଆଇପିସିରେ ୨୩ଟି ଅଧ୍ୟାୟ ରହିଥିବାବେଳେ ୫୧୧ ଦଫା ରହିଛି। ପୁରୁଣା ଆଇନର ବହୁ ଦଫା ନୂଆ ଆଇନରେ ସ୍ଥାନ ପାଇଛି। କେତେକ ନୂଆ ଯୁଗ ଅନୁସାରେ ଅଲୋଡ଼ା ତଥା ଅନାବଶ୍ୟକ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ବହୁ ଅପରାଧ ପାଇଁ ଜେଲ ଓ ଅର୍ଥ ଦଣ୍ଡ ବୃଦ୍ଧି କରାଯାଇଛି। ୩୩ଟି ଅପରାଧରେ ଦଣ୍ଡ ବୃଦ୍ଧି କରାଯାଇଛି। ସେହଭଳି ଭାବେ ୮୩ଟି ଅପରାଧରେ ଅର୍ଥ ଦଣ୍ଡ / ଜରିମାନା ପରିମାଣ ବୃଦ୍ଧି କରାଯାଇଛି। ୬ଟି ଅପରାଧରେ ଦୋଷୀ ପାଇଁ କମ୍ୟୁନିଟି ସର୍ଭିସ ବା ଗୋଷ୍ଠୀସେବା ଭଳି ଦଣ୍ଡ ବ୍ୟବସ୍ଥା ରହିଛି। ଆଉ ମର୍ଡ଼ର ପାଇଁ ଦଫା ୩୦୨ରେ ମୃତ୍ୟୁଦଣ୍ଡ ପ୍ରଦାନ କରାଯିବ ନାହିଁ। ମର୍ଡ଼ର ପାଇଁ ନୂଆ ଆଇନର ଧାରା ୧୦୩ (୧)ରେ ମୃତ୍ୟୁ ଦଣ୍ଡ ପ୍ରଦାନ କରାଯାଇ ପାରିବ। ପୁରୁଣା ଆଇନର ୧୨୪-କ ରାଜଦ୍ରୋହ ଦଫାକୁ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିରୋଧରେ କାର୍ଯ୍ୟ ପାଇଁ ନୂଆ ଆଇନର ଧାରା ୧୫୨ରେ ଆଜୀବନ ଦଣ୍ଡ ପ୍ରଦାନ କରାଯାଇ ପାରିବ। ପରିବେଶ ପ୍ରଦୂଷଣ, ମାନବ ଚାଲାଣ ଘଟଣା ପାଇଁ ନୂଆ ଆଇନରେ ଦଣ୍ଡ ବ୍ୟବସ୍ଥା କରାଯାଇଛି। ମହିଳା, ଶିଶୁ, ରାଷ୍ଟ୍ରକୁ ପ୍ରାଧାନ୍ୟ ଦିଆଯାଇଛି। ୧୮ ବର୍ଷରୁ କମ ବୟସ୍କଙ୍କୁ ଶିଶୁ ଭାବେ ଗ୍ରହଣ କରାଯିବ। ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ନୂଆ ଆଇନରେ ପୀଡ଼ିତଙ୍କ ଅଧିକାର ସହିତ ଅଭିଯୁକ୍ତର ଅଧିକାର ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ଜଣେ ଅଭିଯୁକ୍ତକୁ ନିରବ ରହିବାର ଅଧିକାର ପ୍ରଦାନ କରାଯାଇଛି। କାରଣ ଉଲ୍ଲେଖ କରି ଗିରଫଦାରୀ କରାଯିବ। ପୁଲିସକୁ ଅଧିକ କ୍ଷମତା ଦିଆଯାଇଛି। ବିନା ଗିରଫ ପରୱାନାରେ ପୁଲିସ ବହୁ ମାମଲାରେ ଗରିଫ କରିପାରିବ। ମାମଲାର ତଦନ୍ତ ବେଳେ କୌଣସି ସ୍ଥାନର ଖାନତଲାସ, ସାମଗ୍ରୀ ଜବତ ଇତ୍ୟାଦି ପ୍ରକ୍ରିୟାର ଅଡ଼ିଓ ଭିଡ଼ିଓ ରେକର୍ଡ଼ିଂ କରାଯିବ। ଭାରତୀୟ ସାକ୍ଷ୍ୟ ଅଧିନିୟମରେ ଟେଲିଗ୍ରାମ ଶବ୍ଦକୁ ଉଚ୍ଛେଦ କରାଯାଇଛି। ଇଲେକ୍ଟ୍ରୋନିକ ଓ ଡିଜିଟାଲ ରେକର୍ଡ଼ର ଗ୍ରହଣୀୟତା ଉପର ଗୁରୁତ୍ୱାରୋପ କରାଯାଇଛି। ମୌଖିକ ବୟାନ ଇଲେକ୍ଟ୍ରୋନିକାଲ ଜଣେ ଦେଇ ପାରିବ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୧୬୩୫୨୮*




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା



ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି। ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।



୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।

ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍‌ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍‌ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।



# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ

ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ



କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚା ପୋଡିଗଲା ପରି ଦେଖାଯାଏ ।

ପରିଚାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚିତ ।

କ୍ଟ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧ୍ୟାପକ,
ମିଟସ୍ , ରାୟଗଡ଼ା

# କ୍ଷାରଜଳ ଜାଲଘର ମାଛ

**ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି**

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷୀପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।





କ୍ଷାରଜଳ ଜାଲଘର ମାଛଚାଷର **ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନବ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖନନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର, ମୋ -୯୧୭୮୪୦୬୫୭)

# କୃଷି ପର୍ଯ୍ୟଟନ

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚାଷୀ ଙ୍କ ଦ୍ୱାରା ଚାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚିଙ୍ଗୁଡି ଏବଂ



**ଅନିଲ କୁମାର ମିଶ୍ର**

କଙ୍କଡା ଚାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର ।

❖ ଚାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ ।

କୃଷି ପର୍ଯ୍ୟଟନ ଚାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚାଷୀ ଅଧିକ ଲାଭବାନ ହୋଇପାରିବ ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚତୁରତା ସହିତ ଚାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

❖ ପଡୋଶୀ କ୍ଷୁଦ୍ର ଚାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ ।

*କୃଷି ବିଶେଷଜ୍ଞ, ଭୁବନେଶ୍ୱର*




# ପୁରୁଣା ପେନ୍‌ସନ୍ ଦାବିରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବର୍ଗର ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ସରକାରୀ କର୍ମଚାରୀମାନଙ୍କ ଏକ ବୈଠକ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡ଼ାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମାଧ୍ୟମିକ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଅରୁଣ କୁମାର ପ୍ରାମାଣିକଙ୍କ ସଭାପତିତ୍ୱରେ ଏକ ବୈଠକ ଗରାପୁରସ୍ଥିତ ପ୍ରାଥମିକ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉପସ୍ଥିତ ବିଭିନ୍ନ ସଂଘର କର୍ମକର୍ତ୍ତାମାନେ ନୂତନ ପେନ୍‌ସନ୍ ଯୋଜନା ସମ୍ପର୍କରେ ବିଷୋଦ୍‌ଗାର କରିବା ସହ ଏହା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପ୍ରତି ଉଦାସୀନ ମନୋଭାବ ଓ ଏକ ଉପହାସ ପୂର୍ଣ୍ଣ ଭତ୍ତା ପ୍ରଦାନର ବ୍ୟବସ୍ଥା ଯାହାକି ଅବସର ପରେ ସ୍ୱଳ୍ପ ଭତ୍ତାରେ ମାନସିକ ନିର୍ଯ୍ୟାତନାର ଶିକାର ହୋଇ ନିଷ୍ପେଶିତ ଓ ଅବହେଳିତ ହେଉଛନ୍ତି । ସରକାରଙ୍କ ଏ ପ୍ରକାର କର୍ମଚାରୀ ମାରଣ ନୀତି ତଥା ନୂତନ ପେନ୍‌ସନ୍ ଯୋଜନାକୁ ହଟାଇ ପୁରୁଣା ପେନ୍‌ସନ୍ ଯୋଜନା ଅବିଳମ୍ବେ ପ୍ରଚଳନ କରିବାକୁ ଏହି ପ୍ରସ୍ତୁତି ବୈଠକରେ ଦାବି କରାଯାଇଛି । ଭାରତର ରାଜସ୍ଥାନ, ଛତିଶଗଡ଼, ପଶ୍ଚିମବଙ୍ଗ, ଦିଲ୍ଲୀ ଭଳି ଓଡ଼ିଶା ସରକାର ପୁରୁଣା ପେନସନ୍ ଯୋଜନା ୨୦୦୪ମସିହା ପୂର୍ବରୁ ଯେପରି ଥିଲା ସେହିପରି ଲାଗୁ ନକଲେ ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଦୁର୍ବାର ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ କହିଥିଲେ । ବୈଠକରେ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ସଂଗଠନକୁ ନେଇ ଏକ ପୂର୍ଣ୍ଣାଙ୍ଗ ବୈଠକ କରାଯିବା ପାଇଁ ମାଧ୍ୟମିକ ଶିକ୍ଷକ ସଂଘ, କେନ୍ଦ୍ରାପଡ଼ା ଜିଲ୍ଲାର ସଭାପତି ଅରୁଣ କୁମାର ପ୍ରାମାଣିକଙ୍କୁ ଆବାହକ ଓ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡ଼ାଙ୍କୁ ସଂଯୋଜକ ଏବଂ ସେକ୍ ମହମ୍ମଦ ଫୟାଜଉଦ୍ଦିନଙ୍କୁ ଗଣମାଧ୍ୟମ ସଂଯୋଜକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ଏହି ବୈଠକରେ ମାଧ୍ୟମିକ ଶିକ୍ଷକ ସଂଘର ସଂପାଦକ ମନୋରଞ୍ଜନ ତ୍ରିପାଠୀ, ଉପ-ସଭାପତି ମହେଶ୍ୱର ସାହୁ, ପ୍ରଦୀପ ସାହୁ, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଂପାଦକ ଅଶ୍ୱିନୀ କୁମାର ରାଉତ, ଉପ-ସଭାନେତ୍ରୀ କାକୁଳି ମଲ୍ଲିକ, ମୁଖପାତ୍ର ଭକ୍ତ ରଂଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମଳିକ ଏବଂ ପ୍ରତ୍ୟେକ ବ୍ଲକର ସଭାପତି ଓ ସଂପାଦକ ଯଥା, ଅକ୍ଷୟ ଦାସ, ପ୍ରେମାନନ୍ଦ ଦାସ, ଦିବାକର ରାଉତ, ଚିତରଂଜନ ରାଉଳ, କେଦାର ବେହେରା, ସେକ୍ ଖତିବ୍,ଏମ୍.ଡ଼ି ଅସଗର ଅଲ୍ଲୀ, ବିଶ୍ୱବନ୍ଧୁ ଜେନା, ଅଜୟ ଦାସ, କୃଷ୍ଣଚନ୍ଦ୍ର ମଲ୍ଲିକ, ବିଶ୍ୱରଂଜନ ଦାଶ, ଅମୀୟ ଚୌଧୁରୀ, ଶିଶିର ଦାସ, ପ୍ରକାଶ ବେହେରା, ନାରାୟଣ ପାଢ଼ୀ, ଦପ୍ତରୀ ସଂଘର କର୍ମକର୍ତା। ସୁରେନ୍ଦ୍ରନାଥ ସାହୁ, ରାଜସ୍ୱ ସେବା ସଂଘ, ଫାର୍ମାସିଷ୍ଟ, ଅମିନ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବିଦ୍ୟୁତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହାନୁଭୂତିର ସହ ପୂରଣ କରାଯିବ

ବ୍ରହ୍ମପୁର (ପିଏନ୍): ବିଦ୍ୟୁତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହାନୁଭୂତି ସହ ପୂରଣ କରାଯିବ ବୋଲି ଟିପିଏସଓଡିଏଲ ମୁଖ୍ୟ (ସିଇଓ) ଅରବିନ୍ଦ ସିଂ ପ୍ରକାଶ କରିଛନ୍ତି। ଓଏସଇବି ଶ୍ରମିକ ମହାସଂଘର ରାଜ୍ୟ ସଭାପତି ରମେଶ ଚନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ କୋର୍ଟପେଟାସ୍ଥିତ ମୁଖ୍ୟ କାଯର୍ୟାଳୟରେ ଆୟୋଜିତ ଦ୍ୱିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କର୍ମଚାରୀମାନଙ୍କୁ ଯୋଗ୍ୟତା ଭି ିରେ ପଦୋନ୍ନତି, ପଦୋନ୍ନତି ଦେବାରେ ପାତରଅନ୍ତର, ତା୧.୧.୨୦୧୪ରିଖରୁ ଅଫିସ୍ ଆସିଷ୍ଟାଣ୍ଡ (ଓଏଜି)ମାନଙ୍କ ବକେୟା ଦରମା ପ୍ରଦାନ କରିବା, ଓପିଟିସିଏଲ ଭଳି ଟିପିଏସଓଡିଏଲରେ କାର୍ଯ୍ୟରତ ଟେକ୍ନିକାଲ କ୍ୟାଡରମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ସହ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସମସ୍ୟାଗୁଡ଼ିକୁ ଗୁରୁତର ଭାବେ ବିଚାର କରି କୌଣସି କର୍ମଚାରୀଙ୍କ ପ୍ରତି ଯେଉଳି ଅନ୍ୟାୟ ନ ହୁଏ ସେଥିପ୍ରତି ଉପସ୍ଥିତ ଅଧିକାରୀ ଦୃଷ୍ଟି ଦେବାକୁ ସିଇଓ ସିଂ ପରାମର୍ଶ ଦେବା ସହିତ ଓଇଆରସି ଭେଷ୍ଟିଙ୍ଗ୍ ଅର୍ଡର ମୁତାବକ ସମସ୍ତ କର୍ମଚାରୀମାନଙ୍କୁ ନ୍ୟାୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ବୈଠକରେ ଟିପିଏସଓଡିଏଲର ମାନବ ସମ୍ବଳ ବିଭାଗର ମୁଖ୍ୟ ଅମିତ୍ ଅଗ୍ରୱାଲ, ପରିଚାଳକ ପ୍ରଭାତ କୁମାର ରାଉଳ, ଉପ-ପରିଚାଳକ ରାଜେଶ କୁମାର ତ୍ରିପାଠୀ, ପଙ୍କଜ କୁମାର ପରିଡ଼ା ଉପସ୍ଥିତ ଥିବା ବେଳେ କର୍ମଚାରୀ ସଂଗଠନର ସାଧାରଣ ସମ୍ପାଦକ ଜଗନ୍ନାଥ ମହାରଣା, ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥ, କାର୍ଯ୍ୟକାରୀ ସଭାପତି ଏନ. ଭାସ୍କର ରାଓ, କାଳି ପ୍ରସାଦ ମହାପାତ୍ର, ଅଜିତ କୁମାର ପାତ୍ର, ପ୍ରମୋଦ କୁମାର ଦାଶ, ନରୋ ମ ବେହେରା, ପ୍ରଦୀପ କୁମାର ବିଷୋୟୀ, ନୀଳମାଧବ ଦାଶ, ଅଶୋକ କୁମାର ପଟ୍ଟନାୟକ, ଶିବ ଶଙ୍କର ଦାଶ, ଆଲୋକ କୁମାର ପାଢ଼ୀ, ଗୌରହରି ସାମଲ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ।

## ବ୍ରାହ୍ମଣୀ ନଦୀ ଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଦାବି

ଧର୍ମଶାଳା (ପିଏନ୍): ବ୍ରାହ୍ମଣୀ ନଦୀରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବାରୁ ନଦୀ ଅବବାହିକାରେ ବସବାସ କରୁଥିବା ଲୋକମାନଙ୍କ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଛି । କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟରେ ଏହି ନଦୀର ଜଳ ବହୁଳ ପରିମାଣରେ ପ୍ରଦୂଷିତ ହୋଇଥିବା ଜଣାଯାଇଛି । ନଦୀଜଳକୁ ପ୍ରଦୂଷଣ ମୁକ୍ତ କରିବାକୁ ବିଭିନ୍ନ ସଙ୍ଗଠନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି । ବ୍ରାହ୍ମଣୀ ଓ ଏହାର ଶାଖା କେଲୁଅ ନଦୀ ପାର୍ଶ୍ୱରେ ଥିବା ଧର୍ମଶାଳା ବ୍ଲକର ୨୦ ଗୋଟି ପଂଚାୟତ ଲୋକେ ଏହି ନଦୀ ପାଣି ଉପରେ ନିର୍ଭର କରିଥାନ୍ତି । ନଦୀର ପ୍ରଦୂଷିତ ଜଳକୁ ବ୍ୟବହାର କରିବା ଫଳରେ ଲୋକେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ସେହିପରି ଚାଷଜମିରେ ଏହି ପାଣି ବ୍ୟବହାର ହେବା ଫଳରେ ଜମିର ଉର୍ବରତା ହ୍ରାସ ପାଇବା ସହିତ ଫସଲହାନୀ ଘଟୁଛି । ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁଯାୟୀ ଏହି ନଦୀର ଏକ ଲିଟର ଜଳରେ ୬.୩ ମିଲିଗ୍ରାମ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ ( ବିଓଡି) ରହିଛି । ଏକ ଲିଟର ପାଣିରେ ତିନି ମିଲିଗ୍ରାମରୁ ଅଧିକ ଡିଓଡି ରହିଲେ ଏହା ପ୍ରଦୂଷିତ ହୋଇଥାଏ । ନଦୀ ଜଳର ପ୍ରଦୂଷଣ ହ୍ରାସ, ଜଳପ୍ରବାହ ଚିରନ୍ତନ କରିବା, ଅଳିଆଆବର୍ଜନା ନଦୀକୁ ନଫିଙ୍ଗିବା, ଘରୋଇ ଓ କଳକାରଖାନାର ବର୍ଯ୍ୟବସ୍ତୁ ନଦୀକୁ ନଛାଡିବା ପାଇଁ ସରକାର ପଦକ୍ଷେପ ନେବାକୁ ଧର୍ମଶାଳା ଅଂଚଳର ପରିବେଶବିତ, ବୁଦ୍ଧିଜୀବୀ, ବ୍ରହ୍ମଣୀ ବଂଚାଅ କମିଟି ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, କୃଷକ ନେତା ବସନ୍ତ ପରିଡା, ଓ ଦେବବ୍ରତ ରାଉତ ପ୍ରମୁଖ ଦାବି କରିଛନ୍ତି ।

## ବିଣାପାଣୀ ଚୌଧୁରୀଙ୍କ ରଚିତ ପୁସ୍ତକ "ବଲ୍ଲକୀ ଓ ମୁଁ କ'ଣ ମୁଁ ଜାଣେ" ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଅବିଭକ୍ତ ଓସ୍ତପୁର ପ ାୟତର ପୂର୍ବତନ ସରପ ତଥା ସାରଙ୍ଗ ଗ୍ରାମର ଫକିର ଚରଣ ଖଟୁଆଙ୍କ ଝିଅ ବିଣାପାଣୀ ଚୌଧୁରୀଙ୍କ ରଚିତ "ବଲ୍ଲକୀ ଓ ମୁଁ କ'ଣ ମୁଁ ଜାଣେ" ଦୁଇଗୋଟି ପୁସ୍ତକକୁ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ଭୁବନେଶ୍ୱର ସ୍ଥିତ ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ପୁସ୍ତକ ଦୁଇଟିର ଲେଖିକା ବିଣାପାଣୀ ଚୌଧୁରୀ, ପିତା ଫକିର ଚରଣ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲେଖିକା ଶ୍ରୀମତୀ ଚୌଧୁରୀ ରାଜ୍ୟପାଳଙ୍କୁ ଏକ ଅମ୍ଳଜାନ ପ୍ରଦାନକାରୀ ଜୀବନ୍ତ ଚାରାଗଛ ସହିତ ଏକ ଉ ରୀୟ ପ୍ରଦାନ କରି ଆଶୀର୍ବାଦ କାମନା କରିଥିଲେ। ରାଜ୍ୟପାଳ ଶ୍ରୀମତୀ ଚୌଧୁରୀଙ୍କ ଉ ରୋ ର ଉନ୍ନତି କାମନା କରିଥିଲେ।

## ସମର୍ପଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର

ବାଲେଶ୍ୱର ତା, ୮/୧୦/୨୦୨୨- ଦୀର୍ଘ ୨ ବର୍ଷ ପରେ ଲୋକ ମାନେ ଖୁସିରେ ପାଳିଲେ ଦୂର୍ଗାପୂଜା , ଦଶହରା ଓ ଭସାଣି। ଏହି ପରିପ୍ରେକ୍ଷୀ ରେ ବାଲେଶ୍ୱର ସହରର ସିଦ୍ଧି ବିନାୟକ ମନ୍ଦିର ସମ୍ମୁଖରେ ସମର୍ପଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର ର ଆୟୋଜନ କରାଯାଇଥିଲା। ସଙ୍ଗଠନ ର ମୁଖ୍ୟ ପ୍ରଭାତ ପଣ୍ଡା ଙ୍କ ସମେତ ଅରୁଣ ମାଝୀ, ଅଭିନାଶ ପୁଥାଳ, ପ୍ରବୀଣ ମଲ୍ଲିକ, ଶୁଭେନ୍ଦୁ ପଣ୍ଡା, ଅଭିଜିତ ମହାରଣା, ସୁଜାତା ବାରକ, ରଣଜିତ୍ ପୃଷ୍ଟି, ମମତା ଦାସ, ସଂଯୁକ୍ତା ରାଣୀ ବହେରା, ଅମିତା ଚାନ୍ଦ, ମନୋଜ ଆଚାର୍ଯ୍ୟ, ସଞ୍ଜୟ ମହାପାତ୍ର, ପ୍ରଭାତ ପଣ୍ଡା, ତୁଷାରକାନ୍ତ ତପସ୍ୱୀ, କଞ୍ଚମଣି ସ୍ୱାଇଁ, କା ିକ ସେଠୀ, ଜ୍ୟୋତି ପ୍ରକାଶ ସେଠୀ ପ୍ରମୁଖ ଉପସ୍ଥିତ ରହି ଭସାଣୀ କୁ ଆସୁଥିବା ସମସ୍ତ ଭକ୍ତଙ୍କୁ ପାନୀୟ ଜଳ ପ୍ରଦାନରେ ସହଯୋଗ କରିଥିଲେ।

# ଅର୍ଚ୍ଚନା ନାଗର ଅଟ୍ଟାଳିକାକୁ ସରକାରୀ ବେଶ୍ୟାଳୟ କରାଯାଇଥିଲା



ଭୁବନେଶ୍ୱର (ପିଏନ୍)- ରାଣୀ ମହୁମାଛି ଅର୍ଚ୍ଚନା ନାଗର ରଙ୍ଗମହଲଙ୍କୁ ଶାସକ ଦଳର ବିଧାୟକ, ମନ୍ତ୍ରୀ, ପୂର୍ବତନ ବାଚସ୍ପତି, ଆଇପିଏସ ଓ ଆଇଏସ ଅଫିସର ଏବଂ ପ୍ରତିଷ୍ଠିତ ବ୍ୟବସାୟୀମାନେ ନିୟମିତ ଯାଉଥିଲେ ଏବଂ ପ୍ରଶାସନର ଜ୍ଞାତସାରରେ ଏହା ଚାଲୁଥିଲା ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯେପରି କଳାହାଣ୍ଡି ମହାଲିଂଗ କଲେଜ ପରିସରରେ ଏକ ରଂଗଶାଳା ଖୋଲାଇଥିଲେ ସେହିପରି ନବୀନ ସରକାରଙ୍କ ପକ୍ଷରୁ ରାଣୀ ମହୁମାଛି ଅର୍ଚ୍ଚନା ନାଗଙ୍କ ବିଳାସପୂର୍ଣ୍ଣ ଅଟ୍ଟାଳିକାକୁ ସରକାରୀ ବେଶ୍ୟାଳୟ ଭାବେ ଖୋଲାଯାଇଥିଲା। ସେହି ରହସ୍ୟମୟୀ ମହିଳା ନିଜେ ଦେହ ବ୍ୟବସାୟ କରିବା ସହିତ ସେଠାରେ ଗ୍ରାହକମାନଙ୍କଠାରୁ ଚଢ଼ାଦର ନେଇ ସୁନ୍ଦରୀ ମହିଳା ଯୋଗାଇ ଦେଉଥିଲେ। ଗ୍ରାହକ ଯୋଗାଡ଼ କାର୍ଯ୍ୟରେ ଅର୍ଚ୍ଚନା ନାଗଙ୍କ ସ୍ୱାମୀ, ଖଗେଶ୍ୱର ପ୍ରଭୃତି ଅନେକ ଅପରାଧୀ ସଂପୃକ୍ତ ରହିଛନ୍ତି।

ପୋଲିସ ପ୍ରଶାସନ ଜାଣିଶୁଣି ଚୁପ କାରଣ ଏଥିରେ ବଡ଼ ବଡ଼ ପୋଲିସ ଅଫିସର ଗ୍ରାହକ ଭାବରେ ରହିଛନ୍ତି ବୋଲି ଅଭିଯୋଗ ହେଉଛି। ପୋଲିସ ପାଖରେ ଏ ବେଶ୍ୟାଳୟର କାରବାର ସଂପର୍କରେ ଖବର ଥିଲା ମାତ୍ର କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାହସ ନଥିଲା। ଅର୍ଚ୍ଚନାର ହାତ ତୃତୀୟ ମହଲା, ସଚିବାଳୟ ପର୍ଯ୍ୟନ୍ତ ଲମ୍ବିଥିଲା। ସଚିବାଳୟକୁ ସାମ୍ବାଦିକମାନେ ଯିବା ମନାଥିବା ବେଳେ ଅର୍ଚ୍ଚନା ନାଗକୁ କୌଣସି ପ୍ରତିବନ୍ଧକ ନଥିଲା। ନବୀନ ସରକାର ଏହି ଘୃଣ୍ୟ ଘଟଣାକୁ ଚପାଇଦେବାପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଅର୍ଚ୍ଚନା ନାଗର ଗୁପ୍ତ ପେଡ଼ିରେ ବହୁ ପ୍ରତିଷ୍ଠିତ ଲୋକଙ୍କ ସଂପର୍କରେ ତଥ୍ୟ ଲୁଚି ରହିଛି। ଯେହେତୁ ନେତା, ଉଚ୍ଚପଦସ୍ଥ ଅଫିସର ଏହି ଘଟଣା ସହ ଜଡ଼ିତ ତେଣୁ ଏହାର ତଦନ୍ତ ବାଟମାରଣା ହେବ ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି। ଏପରିକି ପୂର୍ବତନ ବାଚସ୍ପତି ସୂର୍ଯ୍ୟପାତ୍ରଙ୍କ ପ୍ରଭାବରେ ସେ ବିନା ଦ୍ୱିଧାରେ ବିଧାନସଭା ଭିତରେ ଘୁରି ବୁଲୁଛନ୍ତି। ଉଦ୍ଦେଶ୍ୟ ଥିଲା ସେଠି ବଡ଼ ବଡ଼ ଗ୍ରାହକ ଯୋଗାଡ଼ କରିବା। ଅର୍ଚ୍ଚନାର ର୍‍ୟାକେଟ ଭିତରକୁ ଯିଏ ପଶିଆସୁଥିଲା ସେଠୁ ମୁକୁଳିବା କଷ୍ଟ ଥିଲା। କାରଣ ସେମାନଙ୍କର ଅସଂଯତ ଅବସ୍ଥାର ଫଟୋ ଓ ଭିଡିଓ କୌଶଳକ୍ରମେ ଅର୍ଚ୍ଚନା ରଖିପାରୁଥିଲା। ଅର୍ଚ୍ଚନାର ମୋବାଇଲ, ଲାପଟପ, ପେନଡ୍ରାଇଭ ଓ ହାର୍ଡଡିସ୍କକୁ ବର୍ତ୍ତମାନ ପୋଲିସ ଯାଂଚ ଆଳରେ ପ୍ରମାଣ ନଷ୍ଟ କରିବାର ସମ୍ଭାବନା ରହିଛି କାରଣ ରୁଚିକା ମହାନ୍ତିର ମୋବାଇଲ ପରୀକ୍ଷା ପାଇଁ ସିଂଗାପୁର ପଠାଯାଇଛି ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା ମାତ୍ର ତଦନ୍ତ ନାମରେ ମୋବାଲରୁ ସମସ୍ତ ପ୍ରମାଣ ନଷ୍ଟ କରିବା ଥିଲା ଉଦ୍ଦେଶ୍ୟ। ଏ ପର୍ଯ୍ୟନ୍ତ ସେ ତଥ୍ୟ ସାର୍ବଜନୀନ ହେଲାନାହିଁ। ତେଣୁ ପୋଲିସ କ'ଣ ତଦନ୍ତ କରିବ ସାଧାରଣ ଜନତା ତାହା ଜାଣନ୍ତି। ଏ ପର୍ଯ୍ୟନ୍ତ ମମିତା ମେହେର, ଧର୍ମେନ୍ଦ୍ର ସାହୁଙ୍କର ମୋବାଇଲର ଠିକଣା ନାହିଁ। ସବୁ ପ୍ରମାଣ ନଷ୍ଟ କରିଦିଆଯାଇଛି। ମନ୍ତ୍ରୀ ସମୀର ଦାସଙ୍କୁ ସୁରକ୍ଷା ଦିଆଯାଉଛି। କେସିଙ୍ଗାରେ ଅର୍ଚ୍ଚନା ନାଗର ତିନି ମହଲା ବିଶିଷ୍ଟ ସୁନ୍ଦର ଅଟ୍ଟାଳିକାକୁ ବେଆଇନ ଦର୍ଶାଇ ତହସିଲଦାର ଭାଙ୍ଗିବାକୁ ଯାଉଥିବା ବେଳେ କେଉଁ ବଡ଼ ଗ୍ରାହକଙ୍କ ଚାପରେ ତହସିଲଦାର କାନମୁଣ୍ଡ ଆଉଁସି ଫେରିଲେ ତାହା ତଦନ୍ତସାପେକ୍ଷ। ରାଜଧାନୀରେ ଖୁଲମଖୋଲା ବେଶ୍ୟାବୃତି ଚାଲିଛି। ଆଲୋଚନା ହେଉଥିଲା ସରକାର ମଦବିକ୍ରିକୁ ପ୍ରୋତ୍ସାହନ ଦେଉଛନ୍ତି। ଏବେ ଚର୍ଚ୍ଚା ହେଉଛି ସରକାର ବେଶ୍ୟାଳୟକୁ ମଧ୍ୟ ପ୍ରୋତ୍ସାହନ ଦେଉଛନ୍ତି। ଅର୍ଚ୍ଚନାର ରଂଗମହଲକୁ କେଉଁମାନେ ଯାଉଥିଲେ, କେଉଁମାନଙ୍କ ଆକାଉଂଟରୁ ତାଙ୍କ ପାଖକୁ ମୋଟା ଅଙ୍କର ଟଙ୍କା ଯାଉଥିଲା ଏହାର ତଦନ୍ତ ହୋଇ ସାର୍ବଜନୀନ ହେଉ।

ବିଗତ ଦିନରେ କ୍ରାଇମବ୍ରାଂଚର ତଦନ୍ତ, ପୋଲିସ ତଦନ୍ତ ବାଟମାରଣା ହୋଇଛି। ଏଥିରେ ଯେହେତୁ ସରକାରୀ ଦଳର ନେତା ଓ ବଡ଼ ବଡ଼ ପ୍ରଶାସନିକ ଅଧିକାରୀ ସଂପୃକ୍ତ ରହିଛନ୍ତି, ତେଣୁ କ୍ରାଇମବ୍ରାଂଚ ଓ ପୋଲିସ ଏହାର ତଦନ୍ତ ସଠିକ ଭାବେ କରିବେ ନାହିଁ। ତଥ୍ୟ ଲୁଚାଇବା, ପ୍ରମାଣ ନଷ୍ଟ କରିବାର ସମ୍ଭାବନା ରହିଛି। ଏଣୁ ମାନ୍ୟବର ହାଇକୋର୍ଟଙ୍କ ତତ୍ୱାବଧାନରେ ପରିଚାଳିତ ଏସଆଇଟି ତଦନ୍ତ ପାଇଁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ କହିଥିଲେ ଯେ ରାଜ୍ୟ ସରକାରଙ୍କ ନୈତିକ ଅବକ୍ଷୟ ଘଟିଛି। ବିଜେଡ଼ି ଦଳର ମନ୍ତ୍ରୀ, ବିଧାୟକମାନେ ଏଥିରେ ସଂପୃକ୍ତ। ମାତ୍ର ନବୀନ ପଟ୍ଟନାୟକ ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବେନାହିଁ। ତୃତୀୟ ମହଲା ନୀରବ। ଇଡି ଏପର୍ଯ୍ୟନ୍ତ କୌଣସି ତଦନ୍ତ କରିନାହିଁ। ଯେଉଁମାନେ ଅର୍ଚ୍ଚନାକୁ ଅର୍ଥ ଦେଇଥିଲେ ଏବଂ ଅର୍ଚ୍ଚନା ଉପରେ ତୁରନ୍ତ ଇଡିର କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଯେହେତୁ ବିଜେପି ନେତୃବୃନ୍ଦ ଅର୍ଚ୍ଚନାର ମାୟାଜାଲ ଉପରେ ରହିଥିବାର ଅଭିଯୋଗ ହେଉଛି, ହୁଏତ ଇଡି ପ୍ରଭାବିତ ହୋଇପାରେ। ଜନସାଧାରଣଙ୍କ ସମ୍ମୁଖରେ ନବୀନ ସରକାରର ଚିତ୍ର କଳଙ୍କିତ ହୋଇଯାଇଛି। ପୋଲିସ ଉପରେ ଲୋକମାନେ ବିଶ୍ୱସନୀୟତା ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସାଧୁତା ଓ ସ୍ୱଚ୍ଛତାର ଆହ୍ୱାନ ଦେଉଥିଲେ। ଆଜି ତାହା ପ୍ରହସନରେ ପରିଣତ ହୋଇଛି। ବିଜେପିର ବରିଷ୍ଠ ନେତାମାନେ ମଧ୍ୟ ଏହି ଯୌନ କେଳେଙ୍କାରୀରୁ ବାଦ ପଡ଼ିନାହାନ୍ତି। କମିଶନରେଟ ପୋଲିସର ବିଶ୍ୱସନୀୟତା ଉପରେ ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି। ଏହି ସମଗ୍ର ଘଟଣା ସଂପର୍କରେ ପ୍ରଶାସନ ସଂପୂର୍ଣ୍ଣ ଅବଗତ ଥିଲା। ମାତ୍ର ଯେହେତୁ 'କମଳଯାକ ବାଳ' ତେଣୁ କାହା ଉପରେ କାର୍ଯ୍ୟାନୁଷ୍ଠାନ ନେବେ! ଏଣୁ ପୋଲିସ ହାତ ବାନ୍ଧି ବସିଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ ମିଶ୍ର ଏବଂ ମନୋଜ ବିଶ୍ୱାଳ ଅଂଶଗ୍ରହଣ କରିଥିଲେ।

## ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳ ବିକାଶରଞ୍ଜନ



ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୬୦ତମ ସ୍ଥାନରେ ରହି ସଫଳତା ହାସଲ କରିଛନ୍ତି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପ ାୟତର କଷୋଟି ଗ୍ରାମର ଯୁବକ ବିକାଶରଞ୍ଜନ। ବିକାଶଙ୍କ ପିତା ଡଃ. ପ୍ରକାଶ ଚନ୍ଦ୍ର ପରିଡା ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟରେ ନୃତତ୍ୱ ବିଭାଗର ବରିଷ୍ଠ ଅଧ୍ୟାପକ ଥିବା ବେଳେ ବିକାଶଙ୍କ ମା' ଡେରାବିଶ ବ୍ଲକର ଅଢଙ୍ଗା ମଲ୍ଲିକେଶ୍ୱରପୁର ହାଇସ୍କୁଲରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ପିଲାବେଳୁ ଗରିବ ଓ ଅସହାୟମାନଙ୍କ ସେବାକୁ ପ୍ରାଧାନ୍ୟ ଦେଇ ଆସିଥିବା ବିକାଶ ଜଗତସିଂହପୁର ଜିଲ୍ଲାର ଶିଶୁମନ୍ଦିରରେ ପ୍ରାଥମିକ ଶିକ୍ଷା ଶେଷ ପରେ ସେହି ଜିଲ୍ଲାର ଜବାହର ନବଦୋୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଶିକ୍ଷା ଆରମ୍ଭ କରି ମାଟ୍ରିକ ପରୀକ୍ଷାରେ ୯୫ପ୍ରତିଶତ ମାର୍କ ରଖି ପାସ କରିଥିଲେ। ପରେ ଭୁବନେଶ୍ୱରସ୍ଥିତ ବେସିକ ସାଇନ୍ସ କଲେଜରୁ +୨ ବିଜ୍ଞାନରେ ୬୬ପ୍ରତିଶତ ମାର୍କ ରଖି ପାସ କରିବା ପରେ କଟକସ୍ଥିତ ରେଭେନସା ମହାବିଦ୍ୟାଳୟରୁ +୩ ଇଂରାଜୀ ସମ୍ମାନ ଶ୍ରେଣୀରେ ୬୦ ପ୍ରତିଶତ ମାର୍କ ରଖି ପାସ କରିଥିଲେ। ଏହାପରେ ସମ୍ବଲପୁରର ଗଙ୍ଗାଧରମେହେର ମହାବିଦ୍ୟାଳୟରୁ ଇଂରାଜୀ ସ୍ନା କୋ ର ସମ୍ମାନ ଶ୍ରେଣୀରେ ୭୫ପ୍ରତିଶତ ମାର୍କ ରଖି ପାସ କରିଥିଲେ ବିକାଶ। କବିତା ଲେଖିବା, ଆଙ୍କରିଂ କରିବାରେ ରୁଚି ରଖୁଥିବା ବିକାଶ ଭବିଷ୍ୟତରେ ଜଣେ ପ୍ରଶାସନିକ ସେବା ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିଲେ। ବିକାଶ ଜଗତସିଂହପୁର ଜେ.ଏନ.ଭି. ଅଧକ୍ଷଙ୍କ ଦ୍ୱାରା ପ୍ରଭାବିତ ହେବା ସହ ତାଙ୍କଠାରୁ ପ୍ରେରଣା ମଧ୍ୟ ପାଇଥିଲେ। ଏଥିସହିତ ତାଙ୍କର ଏହି ସଫଳତା ପାଇଁ ବିକାଶ ବାପା, ମା, ଭାଇ, ଅଜା,ଆଇ, ମାଉସୀ ଏବଂ ଜଣେ ପ୍ରଦେଷ ଭାଇଙ୍କୁ ଶ୍ରେୟ ଦେବାକୁ ଚାହାନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ରଖୁଥିବା ବିକାଶ ସ୍କୁଲ ଓ କଲେଜରେ ଶିକ୍ଷାଲାଭ ସମୟରେ ଘରୁ ତାଙ୍କୁ ଦିଆଯାଉଥିବା ଅର୍ଥର ସିଂହ ଭାଗ ଅଂଶକୁ ଗରିବ ଓ ଅସହାୟମାନଙ୍କ ପାଇଁ ଖର୍ଚ୍ଚ କରିଥାନ୍ତି। ଓଡିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ବିକାଶ ନିଜକୁ ପ୍ରସ୍ତୁତ କରିବା ବେଳେ ନିଜ ମୋବାଇଲକୁ ବନ୍ଦ ରଖିବାକୁ ପସନ୍ଦ କରୁଥିଲେ। ବିକାଶଙ୍କ ଜନ୍ମମାଟି ହେଉଛି କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଯମପଡା ଗ୍ରାମ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ତାଳଚେର ଦେଉଳବେଢ଼ା ତେଲିସାହି ଠାରେ ସାମାଜିକ ପ୍ରକଳ୍ପ ଗୁଡିକର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ/ତାଳଚେର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ତାଳେଚର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଦଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକ ଗାଁରେ ବାହାଘର, ବ୍ରତଘର ଭଳି ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ । ଗ୍ରାମବାସୀମାନେ ଏହି ସବୁ ବ୍ୟବସ୍ଥା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ । ଗାଁର ଜନସାଧାରଣ ବିଶେଷ ଭାବରେ ଯୁବବନ୍ଧୁଙ୍କ ଉତ୍ସାହ କାରଣରୁ ଏହି କାମ ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ବିକାଶର କଳ୍ପନାରେ ଏହି ସବୁ ସାମାଜିକ କାର୍ଯ୍ୟରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ଏମସିଏଲକୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆଜି ଆମ ଜିଲ୍ଲା ଅନୁଗୋଳ ପାଇଁ ଏକ ବିଶେଷ ଦିନ । ଜିଲ୍ଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଅନୁଗୋଳରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରର ଉଦଘାଟନ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଭବନ ସହ ସ୍କିଲ ଇଣ୍ଡିଆ ସେଣ୍ଟର, ଜନ ଶିକ୍ଷଣ ସଂସ୍ଥାନର ଲୋକାର୍ପଣ ଭଳି କାର୍ଯ୍ୟକ୍ରମ ଗୁଡିକ ଜିଲ୍ଲାକୁ ଗୁଣାତ୍ମକ ଶିକ୍ଷା, ମ୍ୟାନେଜମେଣ୍ଟ ଏବଂ ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି , ଏନ ଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ,ଏମ୍ସିଏଲ ଲିଙ୍ଗରାଜ କ୍ଷେତ୍ରର ଜିଏମ ସୁବ୍ରତ ବିଶ୍ୱାଳ, ଜଗନ୍ନାଥ ଜିଏମ ଅଶୋକ କୁମାର ଧଳ, ଏମ୍ସିଏଲ ର ସମସ୍ତ ଅଧିକାରୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ,ଗ୍ରାମ ସଭାପତି ନବ କିଶୋର ସାହୁ, ଉପ ସଭାପତି ଶଙ୍କର୍ଷଣ ବେହେରା, ବାବୁଲା ପୃଷ୍ଟି,ପ୍ରାକ୍ତନ ଉପ ନଗରପାଳ ସୁଫଳା ପୃଷ୍ଟି, କାର୍ତ୍ତିକେଶ୍ୱର ସାହୁ,ତୁଷାର କୁମାର ସାହୁ,ବନିତା ସାହୁ, ପ୍ରଦୀପ କୁମାର ସାହୁ, ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ବିଭୁତି ସାହୁ, ବିରଞ୍ଚି ସାହୁ, ମିଲ୍ଲୀ ପ୍ରଧାନ, ସ୍ୱାଧୀନ ଅମ୍ଭ, ଅନିତା ବିଶ୍ୱାଳ, କାଳନ୍ଦି ପ୍ରଧାନ, ପ୍ରଶାନ୍ତ ନନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼–ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟ' ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା । ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେ'ାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା । ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛନ୍ତି । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ । ସେହପରି ଯାଜପୁର ରୋଡ଼ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦେ୍ୟଶ ପ୍ରଣୋଦିତ । ଯାଜପୁର–କେନ୍ଦୁଝର – ରାଉରକେଲା–ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ । ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛନ୍ତି । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗଡିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି–ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି–ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)–କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢ଼ୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ–ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।




ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Saturday July 06, 2024 | ଭୁବନେଶ୍ୱର ଶନିବାର, ଜୁଲାଇ ୦୬,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

# ସାହାରା ଜମାକାରୀ ମଞ୍ଚର ରାଜ୍ୟସ୍ତରୀୟ ସମାବେଶ

ବ୍ରହ୍ମପୁର,(ପି.ଏନ): ସାହାରା ଇଣ୍ଡିଆ। କମ୍ପାନୀ ରାଜ୍ୟର ୨୦ ଲକ୍ଷ ଜମା କର୍ତ୍ତା ଓ ଏଜେଣ୍ଟଙ୍କଠାରୁ ସଂଗ୍ରହ କରି ନେଇଥିବା ପ୍ରାୟ ୨୦ କୋଟି ହଜାର କୋଟି ଟଙ୍କାର ଜମା ରାଶି ଫେରସ୍ତ ଦିଗରେ ଦୃଢ ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାହାରା ଜମାକାରୀ ମଞ୍ଚ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ମଞ୍ଚ ପକ୍ଷରୁ ସ୍ଥାନୀୟ ନବୀନ ଭବନ ପରିସରରେ ସାଧାରଣ ପରିଷଦ ବୈଠକ ବିଜୟ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ତାଙ୍କ ଭାଷଣରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ଜମାକାରୀମାନେ ତାଙ୍କ ସୁଫଳ ପାଇପାରୁନାହାନ୍ତି। ଶ୍ରୀ ରଥ କହିଲେ ସାହାରା ଭଳି ବଡ଼ ବଡ଼ କମ୍ପାନୀ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ୨୦୧୯ ମସିହାରୁ ଧାରାବାହିକ ଭାବେ ୫ ବର୍ଷ ଧରି ଲଗାତର ଦାବି କରି ଆସୁଥିବା କ୍ଷତିଗ୍ରସ୍ତମାନଙ୍କୁ ସହାୟତା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅନ୍ୟାନ୍ୟ ରାଜ୍ୟରେ ସାହାରା କମ୍ପାନୀ ବିରୋଧରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କିନ୍ତୁ ଓଡ଼ିଶାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଶ୍ରୀ ରଥ ପ୍ରକାଶ କରିବା ସହ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ବିଧାୟକ ଓ ସମସ୍ତ ସାଂସଦଙ୍କ




ଦୃଷ୍ଟିଆକର୍ଷଣ କରାଯିବା ସହିତ ବ୍ୟାପକ ଜନମତ ସୃଷ୍ଟି କରାଯିବ ବୋଲି ଆହ୍ୱାନ ଦେଇଥିଲେ। ବୈଠକରେ ମଞ୍ଚ ପକ୍ଷରୁ ୮ ଦଫା ଦାବି ସମୂହ ଉପରେ ଆଲୋଚନା ହୋଇଥିଲା ଦାବି ଗୁଡିକ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଓପିଆଇଡି ଆଇନ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ବିୟୁଡିଏସ ଆଇନ ୨୦୧୯ ଅନୁସାରେ ଜମାକର୍ତ୍ତାଙ୍କୁ ଜମା ରାଶି ଫେରସ୍ତ ପାଇଁ ପଦକ୍ଷେପ, ଅର୍ଥନୈତିକ ଅପରାଧ ଶାଖା ଓ ଥାନାରେ ଅଭିଯୋଗ ହୋଇଥିବା କମ୍ପାନୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଟଙ୍କା ଫେରସ୍ତ ପୋର୍ଟାଲରେ ଅର୍ଥ ଫେରସ୍ତ ପ୍ରକ୍ରିୟା ସରଳୀକରଣ, ମୃତ୍ୟୁବରଣ କରିଥିବା ଜମା କର୍ତ୍ତା ଓ ଏଜେଣ୍ଟଙ୍କ ଉତ୍ତରାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ, ସ୍କିମ ବାବଦରେ ଗ୍ରହଣ କରିଥିବା ଟଙ୍କାର ଡାଟାବେସ ସରକାରଙ୍କୁ ପ୍ରଦାନ, ସ୍କିମ ଜରିଆରେ ସଂଗୃହୀତ ଜମା ରାଶିକୁ ସୁଧ ସହ ଫେରସ୍ତ, ଜମାକର୍ତ୍ତା ଓ ଏଜେଣ୍ଟମାନଙ୍କର ସମ୍ପୂର୍ଣ୍ଣ ଦେୟ ଫେରନ୍ତ ନ ହେବା ପର୍ଯ୍ୟନ୍ତ ସାହାରା ଇଣ୍ଡିଆର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ମାଲିକାନାରେ ବ୍ରହ୍ମପୁର ଗୋପାଳପୁର ରାସ୍ତାରେ ଥିବା ୪୦.୯୭ ଏକର ଜମି ଓ ଭୁବନେଶ୍ୱର କଟକ ରାସ୍ତାରେ ଗୋପାଳପୁରଠାରେ ରହିଥିବା ୬୫.୪୩ ଏକର ଜମି ଉପରେ ହେବାକୁ ଥିବା ସମସ୍ତ ପ୍ରକାର କାରବାରକୁ ରାଜ୍ୟ ସରକାର ନିଷିଦ୍ଧ କରିବାକୁ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବିରଞ୍ଚି ପାଢ଼ି, ବସନ୍ତ ଚୌଧୁରୀ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଓ ଚିତ୍ରସେନ ପ୍ରଧାନଙ୍କ ସମେତ ମଂଚର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ରାଜଭବନରେ ବନମହୋତ୍ସବ ପାଳିତ

ଭୁବନେଶ୍ୱର, (ପି.ଏନ): ରାଜଭବନରେ ବନମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ରାଜଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ଚାରା ରୋପଣ କରିଛନ୍ତି। ରାଜ୍ୟପାଳ ଶ୍ରୀ ଦାସ ଚମ୍ପାଫୁଲ ଗଛର ଚାରା ରୋପଣ କରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଏକ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମକୁ ଆଧାର କରି ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଏକ ଚାରା ରୋପଣ କରି ଅଭିଯାନରେ ସାମିଲ୍ ହେବାକୁ ଆହ୍ୱାନ ଜଣାଇଛନ୍ତି।ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ଶତପଥି, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଲେଖାନିୟନ୍ତ୍ରକ ଗୌତମ ଚୌଧୁରୀଙ୍କ ସମେତ ରାଜଭବନର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାଜଭବନର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ବସ' କୁମାର ପାଢ଼ୀ ଉତ୍ସବ ପରିଚାଳନା କରିଥିଲେ।

## ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ବନ ମିହୋତ୍ସବ ସପ୍ତାହ ପାଳିତ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପାରଳାଖେମୁଣ୍ଡି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବନ ବିଭାଗ ସହଯୋଗରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧୂକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଶୈରା ଜଜ୍ ପ୍ରଣବ କୁମାର ରାଉତରାୟଙ୍କ ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧୂକରଣ ତରଫରୁ ବନ ମହୋତ୍ସବ ସପ୍ତାହ ପାଳନ ଉଦ୍ଦେଶ୍ୟରେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଜିଲ୍ଲା ଶୈରା ଜଜ୍ ତଥା ପ୍ରାଧୂକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆମ୍ବ ଗଛଟିଏ ବୃକ୍ଷରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧୂକାରୀ ଶ୍ରୀ ଏସ୍. ଆନନ୍ଦ, ଏଡିଜେ , ସିଜିଏମ , କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶୈରା ଜଜ୍



ପ୍ରଣବ କୁମାର ରାଉତରାୟ କହିଛନ୍ତି ଯେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷରୋପଣ କରି ପରିବେଶର ସୁରକ୍ଷା କରିବା ଉପରେ ଜନସଚେତନତା କରିଥଲେ। ସେହିଭଳି ବନଖଣ୍ଡ ଅଧୂକାରୀ ଶ୍ରୀ ଏସ୍. ଆନନ୍ଦ କହିଥିଲେ କି ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଗଛ ଲଗାଇ ପରିବେଶ କୁ ସବୁଜମୟ କରିବା ପାଇଁ ନିବେଦନ କରିଥଲେ । ଏହି କାର୍ଯ୍ୟକ୍ରମ ରେ ପିଜୁଳି, ଜାମୁକୋଳି, ଆମ୍ବ, ସିତାଫଳ ଇତ୍ୟାଦି ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରାଧୂକରଣର କର୍ମଚାରୀ ସମେତ ଦେବଗିରି ବନାଞ୍ଚଳର ବନାଞ୍ଚଳ ଅଧୂକାରୀ ବ୍ରହ୍ମାନନ୍ଦ ସାହୁ, ଫରେଷ୍ଟର ପି.ଭେଙ୍କଟ ରମଣ, ସନ୍ତୋଷ କୁମାର ପରିଛା ବନରକ୍ଷୀ ଶ୍ରୀ ପ୍ରସାଦ ନାୟକ, ପୁଷ୍ପଲତା ପଣ୍ଡା ଏବଂ ପାରା ଫରେଷ୍ଟ ଷ୍ଟାଫ୍ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।




## କଂଗ୍ରେସ ଭବନ ଆଗରେ ଗୁଣ୍ଡାଗର୍ଦ୍ଦି କରିଥିବା ବିଜେପି ଯୁବ ମୋର୍ଚ୍ଚା କର୍ମୀଙ୍କ ଗିରଫଦାରୀ ଓ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଭୁବନେଶ୍ୱର କମିଶନରେଟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର ,(ପି.ଏନ): ଗତ ଜୁଲାଇ ୨ ତାରିଖରେ ବିଜେପି ଯୁବ ମୋର୍ଚ୍ଚାର କର୍ମୀମାନେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀତ ରାହୁଲ ଗାନ୍ଧୀଙ୍କର ପୋଷ୍ଟରକୁ ଗୋବର ଫିଙ୍ଗି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଯେଉଁଭଳି ଭାବରେ ଗୁଣ୍ଡାଗର୍ଦ୍ଦି କଲେ ତାର ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ, ପ୍ରଦେଶ ଯୁବ କଂଗ୍ରେସ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ମିଳିତ ଧାରଣା ଭୁବନେଶ୍ୱର ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିଲା। ଏକ ବିଶାଳ ରାଲିରେ ଏଡିଏମଙ୍କ କାର୍ଯ୍ୟାଳୟ ଠାରୁ କଂଗ୍ରେସ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସର କର୍ମୀମାନେ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ପର୍ଯ୍ୟ' ଯାଇଥିଲେ। ସେଠାରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଯେ ଧର୍ମନାମରେ ଭାରତୀୟ ଜନତାପାର୍ଟି ନିରୀହ ଜନତାଙ୍କୁ ଭୁଆଁ ବୁଲାଉଛିଂ। ଲୋକସଭାରେ ଜନନାୟକ ରାହୁଲ ଗାନ୍ଧୀ ହିନ୍ଦୁ ଧର୍ମ ସମ୍ପର୍କରେ ଯେଉଁ ବକ୍ତବ୍ୟ ରଖିଲେ ତାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତୀୟ ଜନତାପାର୍ଟି କଦର୍ଥ କରୁଛି। ରାହୁଲ ଗାନ୍ଧୀଙ୍କର ହିନ୍ଦୁ ଧର୍ମ ପ୍ରତି ଅସୀମ ସମ୍ମାନ, ଭକ୍ତି ଓ ଶ୍ରଦ୍ଧା ରହିଛି। ସେ ନିଜେ ଜଣେ ଶିବ ଭକ୍ତ। ମାତ୍ର ବିଜେପିର କଥାକଥିତ ନେତାମାନେ ଯେଉଁମାନେ ହିନ୍ଦୁ ଧର୍ମର ଠିକାଦାର ବୋଲି ନିଜକୁ ଦାବି କରୁଛିଂ ସେମାନେ ହିନ୍ଦୁ ଧର୍ମର ଅମାପ କ୍ଷତି କରୁଛିଂ। ଶାଂ, ପ୍ରୀତି, ମୈତ୍ରୀ, ଭାତୃଭାବ, ନ୍ୟାୟ ହେଉଛି ହିନ୍ଦୁ ଧର୍ମର ମୂଳମନ୍ତ୍ର। 'ବସୁଧୈବ କୁଟମ୍ବକମ' ହେଉଛି ଏ ସମାଜ ପ୍ରତି ହିନ୍ଦୁ ଧର୍ମ ଶାସ୍ତ୍ରର ମହାନ ବାର୍ତା। ମାତ୍ର ହିନ୍ଦୁ ଧର୍ମକୁ ବିଜେପି ନିଜର ସମ୍ପତି ବୋଲି ମନେ କରୁଛି। ପ୍ରଦେଶ କଂଗ୍ରେସ ଯୁବ କଂଗ୍ରେସ



ସଭାପତି ରିତ ପାତ୍ର କହିଥିଲେ ଯେ ଜୁଲାଇ ଦୁଇ ତାରିଖରେ ପୋଲିସ ଉପସ୍ଥିତିରେ ବିଜେପି ଯୁବ ମୋର୍ଚ୍ଚାର କର୍ମୀମାନେ ରାହୁଲ ଗାନ୍ଧୀଙ୍କର ପୋଷ୍ଟରକୁ ଗୋବର ଫିଙ୍ଗିବା ସହ କଂଗ୍ରେସ କର୍ମୀଙ୍କ ଉପରକୁ ଢ଼େଲା ପଠର ମାଡ କରିଥିଲେ। ଏପରିକି ସେମାନେ ସାଙ୍ଗରେ ବାଡ଼ି ଧରି ଆସିଥିଲେ ଏବଂ କଂଗ୍ରେସ କର୍ମୀଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଯୋଜନା ପୂର୍ବ ପ୍ରସ୍ତୁତ ଥିଲା ବୋଲି ଶ୍ରୀ ପାତ୍ର କହିଛିଂ। ଭାରତୀୟ ଜନତାପାର୍ଟି ରାହୁଲ ଗାନ୍ଧୀଙ୍କର ଉତୁଙ୍ଗ ନେତୃତ୍ୱ, ଦେଶଭକ୍ତି, ଦୁର୍ନୀତି ବିରୋଧି ସଂଗ୍ରାମ ଏବଂ ଦେଶର ଅଖଣ୍ଡତା ରକ୍ଷାପାଇଁ ଯେଉଁ ଆବେଗ ତାହାକୁ ବିଜେପି ଦଳ ସହ୍ୟ କରୁପାରୁ ନାହିଁ। ବିଜେପି ଓଡ଼ିଶାରେ କ୍ଷମାତାକୁ ଆସିବାର ମାସେ ହୋଇନାହିଁ, ହେଲେ ନିଜ ଦଳର ଅସଲ ଚରିତ୍ରର ପରିଚୟ ଦେଉଛିଂ। ବିଜେପି ଦଳ ସମାଜରେ ଶାଂ ଚାହେଁ ନାହିଁ। ହିନ୍ଦୁ ଧର୍ମକୁ ନିର୍ବାଚନ ଜିତିବା ପାଇଁ ବ୍ୟବହାର କରେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା କହିଲେ ଯେ ବିଜେପି ଏକ ସ୍ୱତନ୍ତ୍ର ହିନ୍ଦୁ ଧର୍ମ ସୃଷ୍ଟି କରିବାପାଇଁ ଚେଷ୍ଟା କରୁଛି, ଯେଉଁଥିରେ ସନାତନ ଧର୍ମର ମୂଳମନ୍ତ୍ରକୁ ବିକୃତ କରାଯାଉଛି। ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ ଭାରତୀୟ ଜନତାପାର୍ଟିର ହିଟଲରୀ ବାଦକୁ ଦୃଢ଼ ନିନ୍ଦା କରିଥିଲେ। ପରିଶେଷରେ ଏକ ପ୍ରତିନିଧି ଦଳ ପୋଲିସ କମିଶନରଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ଦୋଷୀଙ୍କୁ ତୁର' ଗିରଫ କରି ଦଣ୍ଡବିଧାନ କରିବାପାଇଁ କଂଗ୍ରେସ ପକ୍ଷରୁ ଯେଉଁ ଦାବି କରାଯାଇଥିଲା ତାହାକୁ କାର୍ଯ୍ୟକାରି କରିବାପାଇଁ କମିଶନର ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାକୟ ରମେଶ ଚନ୍ଦ୍ର ଜେନା, ଶିବାନନ୍ଦ ରାୟ, ଜଗନ୍ନାଥ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ଛାତ୍ର କଂଗ୍ରେସର ଓଡ଼ିଶା ପ୍ରଭାରୀ ଚୁନୁ ସିଂ, ମିନାକ୍ଷୀ ବାହିନୀପତି, ବିଶ୍ୱଜିତ ଦାଶ, କିଶୋର ଜେନା, ଜାନକୀ ବଲ୍ଲଭ ପଟ୍ଟନାୟକ, ଲଲାଟେନ୍ଦୁ ମହାପାତ୍ର, ସୁବ୍ରତ ମହାପାତ୍ର, ଅଖିଳେଷ ଯାଦବ, ପ୍ରକାଶ ଜେନା, ପ୍ରଶା' ଚମ୍ପତି, ଅଶୋକ ଦାସ, ଶ୍ରୀନିବାସ ରାଉତରାୟ, ସ'ୋଷ ଜେନା, ମାନସ ଆଚାର୍ଯ୍ୟ, ମନୋଜ ବିଶ୍ୱାଳ, ଅଜୟ ସାହୁ, ଗଣେଶ ଦାସ, ବଟକୃଷ୍ଣ ରାଉତରାୟ, ପ୍ରଣତି ମିଶ୍ର, ଗିତାଳି ମହାଂ, ରଜନୀ ମହାଂ, କୃଷ୍ଣଚନ୍ଦ୍ର ଶଗରିଆ, ଅମିୟ ପାଣ୍ଡବ, ମହମ୍ମଦ ଗୁଲଫାମ, ରାଜୀବ ପଟ୍ଟନାୟକ, ମିହିର ଆଚାର୍ଯ୍ୟ, ଗୋପନ ମାର୍ଥା, ନିହାର ବେହେରା, ସୁଦୀପ ସାମଲ, ବିକାଶ ପଶୁପାଳକ, ଅଭିଜିତ ଜେନା, ନଳିନୀକା' ନାୟକ, ଇଂ ଅମ୍ରେଶ ପରିଡ଼ା, ମିର୍ଜା ଇସଲାମ ବେଗ, ଶ୍ରେୟା ମହାଂ, ବେଣୁଧର ଭୋଇ, କେଦାର ଦଳାଇ,ମହମ୍ମଦ ପରଭେଜ, ବଳରାମ ନନ୍ଦ, ସୁରଜ ରାଉତ, ବିଶ୍ୱଜିତ ସ୍ୱାଇଁ, ଜୟଦେବ ଲେଙ୍କା, ଲିପିକା ପାତ୍ର, ଲିପ୍ସା ନାୟକ, ଶ୍ରୀ ମହାଂ, ପ୍ରଶନଜିତ ଦାସ, ଜଗଦିଶ ଗଜେନ୍ଦ୍ର, ସାଗର ପଟ୍ଟନାୟକ, ଉଦ୍ଦିତ ପ୍ରଧାନ, ପ୍ରଭାତ ପ୍ରତାପ ସିଂ, ତରୁଣ ମିଶ୍ର, ସାହାରୁଖ ଖାନ, ମିହିର ଆଚାର୍ଯ୍ୟ, ଅକ୍ଷୟ ଦାସ, ଦେଓ ପ୍ରସାଦ, ଆଶିଷ ମଲ୍ଲିକ, ଜୟକୃଷ୍ଣ ସୁବୁଦ୍ଧି, ପ୍ରାଚୀ ରାଉତରାୟ, ପ୍ରଶ୍ନନ ନାୟକ, କୈଳାସ ସାହୁ, ସ୍ନେହପ୍ରଭା ଜେନା, ଶୁଭ୍ରଜ୍ୟୋତି ଲେଙ୍କା, ଦେବାଶିଷ ଦାସ, ସେକ ତାକୱିନ, ମହମ୍ମଦ ହୁସେନ, ଅନୱାର ଖାନ, ମୋହନ ଜେନା, ଆତ୍ମାରମ ପତି, ମାନସ ସେଠୀ, ନିଆଜୁଲ ଇସଲାମ, ଅଭିଶେକ ରାଉତ, ମହମ୍ମଦ ସାହାଦୁଲ୍ଲା, ସୂର୍ଯ୍ୟକା' ଜେନା, ସୌମ୍ୟ ରନ ବରାଳ, ସରୋଜ ବାରିକ, ଚନ୍ଦନ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray